

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୯ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 May 2026

Vol.No. 36 ■ No.121 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ: ଆଜି ନେବେ ଶପଥ

## ମୁଖ୍ୟମନ୍ତ୍ରୀ ଭାବେ ନାଁ ଘୋଷଣା ପରେ ପ୍ରଥମ ପ୍ରତିକ୍ରିୟା ଦେଲେ ଶୁଭେନ୍ଦୁ ଅଧିକାରୀ : 'ସୋନାର ବାଂଲା' ଉପରେ ରହିବ ଫୋକସ୍



ନୂଆଦିଲ୍ଲୀ,୦୮/୫ : ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆ ମୁଖ୍ୟମନ୍ତ୍ରୀ। ଶୁକ୍ରବାର ବସିଥିବା ବିଧାୟକ ଦଳ ବୈଠକରେ ଶୁଭେନ୍ଦୁଙ୍କ ନାଁ ଉପରେ ମୋହର ବାଜିଛି। ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟ ଶୁଭେନ୍ଦୁଙ୍କ ନାଁ ଉପରେ ମୋହର ଲଗାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବୋଲି ବିଧାୟକ ଦଳ ବୈଠକ ପରେ ଘୋଷଣା କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଶୁଭେନ୍ଦୁ। କୋଲକାତାର ବ୍ରିଗେଡ୍ ପରେଡ୍ ମଇଦାନରେ ଶପଥ ଗ୍ରହଣ ସମାରୋହ ଆୟୋଜନ କରାଯିବ। ସୂଚନାଯୋଗ୍ୟ, ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଉଭୟରେ ବିଜୟୀ ହୋଇଛନ୍ତି। ◆◆ପୃଷ୍ଠା ୭

# ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ବିଜୟ: ଆଜି ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ



ନୂଆଦିଲ୍ଲୀ, ୦୮/୫ : ତାମିଲନାଡୁରେ ଝୁଲା ବିଧାନସଭା ରାୟ ଆସିବାପରେ ଗତ କିଛି ଦିନ ଧରି ରାଜ୍ୟରେ ଯେଉଁ ରାଜନୈତିକ ଅନିଶ୍ଚିତତା ଲାଗି ରହିଥିଲା ଆଜି ତା'ର ଅନ୍ତ ଘଟିଛି। ବିଜୟ ତାଙ୍କ ପ୍ରଥମ ରାଜନୈତିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଟିଭିକେ (ତାମିଲଗା ଭେଟ୍ରି କାଝାଗମ) ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରି ପାରିଛି। ଆସନ୍ତାକାଲି ଥାଲାପତି ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଚେନ୍ନାଇରେ ଏକ ଭବ୍ୟ ସମାରୋହରେ ସେ ଶପଥ ଗ୍ରହଣ କରିବେ। ଟିଭିକେକୁ ଆଜି ଔପଚାରିକ ଭାବେ ଭିସିକେ (ବିଦୁଥଲାଇ ଚିରୁଥଇଗଲ କାଚି) , ସିପିଆଇ ଏବଂ ସିପିଏମ୍ ସହଯୋଗର ହାତ ବଢ଼ାଇଛନ୍ତି। ଏହାଦ୍ୱାରା ୨୩୪ ଆସବ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଦଳ ସରକାର ଗଠନ ପାଇଁ ଆବଶ୍ୟକୀୟ ସଂଖ୍ୟା ହାସଲ କରିଛି । ଏହାଦ୍ୱାରା ଜିତିକି ବି ହାରିବାକୁ ଯାଉଥିବା ବିଜୟଙ୍କର ଆଜି ପୁଣିଥରେ ବଡ଼ ବିଜୟ ହୋଇଛି। ସଂଖ୍ୟା ଖେଳରେ ବିଜୟ ଜିତିବା ସହ ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ବାଟ ଫିଟିଛି। ବିଜୟଙ୍କ ଦଳ ଟିଭିକେ ତାମିଲନାଡୁରେ ଦୀର୍ଘ ୫୦ ବର୍ଷର ଦ୍ରାବିଡ଼ ଗଡ଼ ଭାଙ୍ଗି ୧୦୮ ଆସନରେ ବିଜୟୀ ହୋଇଥିଲା। ଏହା ଏକକ ବୃହତ୍ତମ ଦଳ ହୋଇଥିଲେ ସୁଦ୍ଧା ସରକାର ଗଠନ ◆◆ପୃଷ୍ଠା ୭

# ସ୍ୱଦେଶୀ ଗ୍ଲାଇଡ ଅସ୍ତ୍ର 'ତାରା'ର ସଫଳ ପରୀକ୍ଷଣ




ଭୁବନେଶ୍ୱର, ୦୮/୫ (ନି.ପ୍ର): ଓଡ଼ିଶା ଉପକୂଳରେ ଭାରତ ପ୍ରତିରକ୍ଷାର ଶକ୍ତି ପ୍ରଦର୍ଶନ । ସ୍ୱଦେଶୀ ଗ୍ଲାଇଡ ଅସ୍ତ୍ର 'ତାରା'ର ସଫଳ ପରୀକ୍ଷଣ । ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଉ ଏକ ବଡ଼ ସଫଳତା ହାସଲ କରିଛି । ଓଡ଼ିଶା ଉପକୂଳରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଗ୍ଲାଇଡ୍ ୱେପନ୍ ସିଷ୍ଟମ 'ତାରା'ର ସଫଳ ପରୀକ୍ଷଣ କରାଯାଇଛି । ◆◆ପୃଷ୍ଠା ୭

# ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ୩.୬ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୦୮/୫ : ଅରୁଣାଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ଶୁକ୍ରବାର ଦ୍ୱିପ୍ରହରରେ ମଧ୍ୟମ ତୀବ୍ରତାର ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ଏହି ଭୂମିକମ୍ପ ଫଳରେ କେଉଁଠୁ ମଧ୍ୟ କୌଣସି ପ୍ରକାର କ୍ଷତିର ଖବର ମିଳିନାହିଁ। ଭାରତୀୟ ସିସ୍ମୋଲୋଜି କେନ୍ଦ୍ରର ସୂଚନା ଅନୁସାରେ, ଅରୁଣାଚଳରେ ୪ଟା ୦୫ ମିନିଟ ୫୨ ସେକେଣ୍ଡ ସମୟରେ ଭୂମିକମ୍ପର ଝଟକା ଅନୁଭବ କରାଯାଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ମପାଯାଇଥିଲା। ଭୂମିକମ୍ପର କେନ୍ଦ୍ର ପାପୁମ ପାରେ ଜିଲ୍ଲାରେ ଭୂମି ତଳରୁ ୦୫ କିଲୋମିଟର ଗଭୀରରେ ଅବସ୍ଥିତ ଥିଲା।


## ତୃଣମୂଳ କଂଗ୍ରେସର ପାଞ୍ଚ ପ୍ରବକ୍ତାଙ୍କୁ କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ,୦୮/୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ଦଳବିରୋଧୀ କାର୍ଯ୍ୟକଳାପ ଏବଂ ସାର୍ବଜନୀନ ଭାବେ ଶୃଙ୍ଖଳାଭଙ୍ଗକାରୀ ମନ୍ତବ୍ୟ ଦେବା ଅଭିଯୋଗରେ ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ପକ୍ଷରୁ ପାଞ୍ଚ ଜଣ ଦଳୀୟ ପ୍ରବକ୍ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦଳୀୟ ସୂତ୍ର ଅନୁସାରେ, ଯେଉଁ ନେତାମାନଙ୍କୁ ନୋଟିସ ପଠାଯାଇଛି ସେମାନଙ୍କ ମଧ୍ୟରେ ରିଜୁ ଦତା, କୃଷ୍ଣେନ୍ଦୁ ଚୌଧୁରୀ, କୋହିନୁର ମଜୁମଦାର, ପାପିଆ ଘୋଷ, କାର୍ତିକ ଘୋଷ ରହିଛନ୍ତି । ସମସ୍ତଙ୍କୁ ୨୪ ଘଂଟା ମଧ୍ୟରେ ଲିଖିତ ଉତ୍ତର ଦେବାକୁ କୁହାଯାଇଛି। ଦଳର ଶୃଙ୍ଖଳା କମିଟି ପକ୍ଷରୁ ଜାରି ହୋଇଥିବା ନୋଟିସରେ କୁହାଯାଇଛି ଯେ, ସମ୍ପୃକ୍ତ ନେତାମାନଙ୍କର ସମ୍ପ୍ରତିକ ବୟାନ ଦଳର ଭାବମୂର୍ତ୍ତିକୁ କ୍ଷତିଗ୍ରସ୍ତ କରୁଛି ଏବଂ ଦଳୀୟ ଶୃଙ୍ଖଳାବିରୋଧୀ।

# ପୁଣି ଜଣଙ୍କୁ ହତ୍ୟା: ଲୁଟ୍‌ପାଟ୍ ଉଦ୍ଦେଶ୍ୟରେ ଯୁବକଙ୍କୁ ପିଟିପିଟି ମାରିଦେଲେ ନିଶାଡ଼ି

ଭୁବନେଶ୍ୱର, ୦୮/୫ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର ପୋଲ ନିକଟରେ ଘଟିଥିବା ବର୍ବର ହତ୍ୟାକାଣ୍ଡକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜାରି ଥିବା ବେଳେ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ବେଙ୍ଗବତୀ ଗ୍ରାମରେ ଆଜି ଏକ ସମାନ ପ୍ରକାରର ଘଟଣା ଘଟିଛି। ଅଠାନ୍ତର ଛକରେ ଶୁକ୍ରବାର ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ରାକେଶ ମହାନ୍ତି (୪୨)। ପୁଲିସର ସୂଚନା ଅନୁସାରେ ବେଙ୍ଗବତୀ ଗ୍ରାମର କିଛି ନିଶାଡ଼ି ଯୁବକ ଜନୈକ ବ୍ୟକ୍ତିଙ୍କୁ ଲୁଟ୍‌ପାଟ୍ ଉଦେଶ୍ୟରେ ଅଟକାଇ ମାଡ଼ ମାରିଥିଲେ। ଲୁହାରଡ୍‌ରେ ନିର୍ଦ୍ଧୁମ ପିଟି ଥିବା କୁହାଯାଉଛି। ଦୁର୍ବୃତ୍ତଙ୍କ ମାଡ଼ରେ ଗୁରୁତର ବ୍ୟକ୍ତିଙ୍କୁ ସଂକଟାପନ୍ନ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିଲା। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବାଲିପାଟଣା ଥାନା ଅଧିକାରୀ କ୍ୟାପିଟାଲ ହସ୍ପିଟାଲରେ ପହଁଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁର୍ବୃତ୍ତମାନେ ନିଶାଗ୍ରସ୍ତ ଅବସ୍ଥାରେ ବିଭିନ୍ନ ସମୟରେ ନାରକୀୟ କାଣ୍ଡ ଘଟାଇ ଚାଲିଛନ୍ତି। ସେମାନଙ୍କ ନାମରେ ପୂର୍ବରୁ ଥାନାରେ ମାମଲା ଥିବା ବିଶେଷ ସୂତ୍ରରୁ ଜଣା ପଡ଼ିଛି। ପୁଲିସ ଅଧିକ ତଦନ୍ତ ପରେ ଘଟଣା ଉପରୁ ପରଦା ହଟିବ।

# ବାଲିଅନ୍ତାର ବର୍ବର କାଣ୍ଡରେ ଉଠୁଛି ପଡୁଛି ଓଡ଼ିଶା: ସୌମ୍ୟରଞ୍ଜନ ହତ୍ୟା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି



ଭୁବନେଶ୍ୱର, ୦୮/୫ (ନି.ପ୍ର): ଗତକାଲି ମଣିଷକୁ କିଭଳି ପଶୁ ପରି ପିଟିପିଟି ମାରିଦେଲେ, ତାର ଲୋମଟାଙ୍କୁରା ଦୃଶ୍ୟ ଦେଖିଥିଲା ଓଡ଼ିଶା । ଆଉ ଆଜି କ୍ୟାମେରା ସାମ୍ନାରେ ୨ ଅଭିଯୋଗକାରିଣୀ ରଖିଛନ୍ତି ନିଜ ନିଜ ପକ୍ଷ । (ଟୁ ୱିଣ୍ଡୋ ଛୋଟ ବାଇଟ-୨ ପୀଡ଼ିତାଙ୍କର) ଏମାନେ ହେଉଛନ୍ତି ସେଇ ୨ ଯୁବତୀ, ଯାହାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା ମୃତ ସୌମ୍ୟରଞ୍ଜନ ଏବଂ ତାଙ୍କ ସାଙ୍ଗ ଓମ୍‌ଙ୍କ ବାଇକ୍ । ଯୁବତୀଙ୍କ କହିବା କଥା, ସେମାନେ ପୂର୍ବରୁ ସୌମ୍ୟଙ୍କୁ ଜାଣିନଥିଲେ । ଗାଡ଼ି ଓଭରଟେକ୍ କରିବାକୁ ନେଇ ଆରମ୍ଭ ହୋଇଥିଲା ପାଟିତୁଣ୍ଡ, ଆଉ ତା ପରେ ହେଲା ଲଙ୍କାକାଣ୍ଡ । ସେପଟେ ଥାନା ଆଗରେ ନ୍ୟାୟ ପାଇଁ ନେହୁରା ହେଉଛନ୍ତି ମୃତ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମାଆ । ଏକମାତ୍ର ପୁଅର ବୀଭତ୍ସ ହତ୍ୟାକାଣ୍ଡ ପରେ, ପୁଲିସ ଉପରେ ଭରସା ନଥିବା ରୋକ୍‌ଠୋକ୍ ଶୁଣାଇଛନ୍ତି । ଅନ୍ୟପଟେ ସାମ୍ନାକୁ ଆସିଛି ଗତକାଲିର ସାଂଘାତିକ ଚିତ୍ର। ଆଗେ ଆଗେ ଯାଉଛି ପୁଲିସ ଗାଡ଼ି, ପଛରେ ମିନିଟ୍ରକ୍ ଡାଲାରେ ହାତଗୋଡ଼ ବାନ୍ଧି ଅଭିଯୁକ୍ତମାନେ ସୌମ୍ୟଙ୍କ ନେଉଛନ୍ତି । ◆◆ପୃଷ୍ଠା ୭

# ଆତଙ୍କବାଦ ଓ ସୀମାପାର ଅପରାଧ ବିରୋଧରେ ସହଯୋଗ ବୃଦ୍ଧି ପାଇଁ ଭାରତ-ସିଙ୍ଗାପୁର ସହମତ

ନୂଆଦିଲ୍ଲୀ,୦୮/୫ : ଭାରତ ଓ ସିଙ୍ଗାପୁର ଆତଙ୍କବାଦ ଏବଂ ସୀମାପାର ଅପରାଧ ବିରୋଧରେ ସହଯୋଗକୁ ଆହୁରି ସୁଦୃଢ କରିବାକୁ ସହମତି ପ୍ରକାଶ କରିଛନ୍ତି। ଉଭୟ ଦେଶ ଆତଙ୍କବାଦର ସମସ୍ତ ରୂପକୁ କଠୋର ଭାବେ ନିନ୍ଦା କରିବା ସହ ଏହା ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତିକୁ ପୁଣି ଥରେ ଦୋହରାଇଛନ୍ତି । ଆତଙ୍କବାଦ ଏବଂ ସୀମାପାର ଅପରାଧ ମୁକାବିଲା ପାଇଁ ଭାରତ-ସିଙ୍ଗାପୁର ଯୁକ୍ତ କାର୍ଯ୍ୟଦଳ (ଜେଡବ୍ଲ୍ୟୁଜି)ର ପଞ୍ଚମ ବୈଠକ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା। ବୈଠକର ସହ-ଅଧ୍ୟକ୍ଷତା ଭାରତର ବିଦେଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆତଙ୍କବାଦ ନିରୋଧ) ବିନୋଦ ବାହାଦେ ଏବଂ ସିଙ୍ଗାପୁର ଗୃହ ମନ୍ତ୍ରଣାଳୟର ଉପ ସଚିବ (ନୀତି) ନିଗ୍ୟମ ଶିହ ଚୁନ କରିଥିଲେ। ବୈଠକ ପରେ ଜାରୀ କରାଯାଇଥିବା ◆◆ପୃଷ୍ଠା ୭

# ଶିକ୍ଷକ ଆଶାୟୀଙ୍କ ଉପରେ ପୋଲିସର ଲାଠିଚାର୍ଜ: ଅନେକ ଛାତ୍ର ଆହତ



ନୂଆଦିଲ୍ଲୀ,୦୮/୫ : ବିହାରର ରାଜଧାନୀ ପାଟନାରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ଦାବିରେ ଆନ୍ଦୋଳନ କରୁଥିବା ଶହ ଶହ ପ୍ରାର୍ଥୀଙ୍କ ଉପରେ ପୋଲିସ ନିର୍ମମ ଭାବେ ଲାଠିଚାର୍ଜ କରିଛି । ଶୁକ୍ରବାର ଦିନ ପାଟନା କଲେଜରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ପ୍ରାର୍ଥୀ ସାମିଲ ହୋଇ ବିହାର ସରକାର ଓ ବିହାର ଲୋକସେବା ଆୟୋଗ (ବିପିଏସସି) ବିରୋଧରେ ସ୍ଲୋଗାନ ଦେଇଥିଲେ । ଆଶାୟୀମାନେ ଛାତ୍ର ନେତା ଦିଲୀପଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜେପି ଗୋଲମ୍ବର ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ଯେତେବେଳେ ପ୍ରାର୍ଥୀମାନେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା, ଯାହା ଫଳରେ ଅନେକ ଆନ୍ଦୋଳନକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରୁଥିବାରୁ ଲକ୍ଷ ଲକ୍ଷ ଆଶାୟୀ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ଯାଉଛି । ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ । ଏଥିସହ ବିପିଏସସି ଦ୍ୱାରା ଲାଗୁ କରାଯାଇଥିବା କିଛି ନୂଆ ନିୟମକୁ ମଧ୍ୟ ଛାତ୍ରମାନେ ତୀବ୍ର ବିରୋଧ କରିଛନ୍ତି । ପଦଯାତ୍ରା ସମୟରେ ପୋଲିସ ଓ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ଯୋଗୁଁ ସମଗ୍ର ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି । ◆◆ପୃଷ୍ଠା ୭

# ଆମେରିକା-ଇରାନ ଭିତରେ ପୁଣି ଯୁଦ୍ଧ ଆଶଙ୍କା ସୃଷ୍ଟି



ନୂଆଦିଲ୍ଲୀ,୦୮/୫ : ଆମେରିକା ଓ ଇରାନ ମଧ୍ୟରେ ଦୁର୍ବଳ ଅସ୍ତ୍ରବିରତି ବିପଜ୍ଜନକ ଭାବରେ ଭାଙ୍ଗିବାକୁ ଯାଉଛି। ହର୍ମୁଜ ପ୍ରଣାଳୀ ଓ ଏହାର ଆଖପାଖରେ ନୂତନ ସାମରିକ ବିନିମୟ ମଧ୍ୟପ୍ରାଚ୍ୟ ସଂଘର୍ଷ ବୃଦ୍ଧି ଆଶଙ୍କା ସୃଷ୍ଟି କରିଛି। ଇରାନର ସାମରିକ ଘାଟି ଉପରେ ଆକ୍ରମଣ କରି ପ୍ରତିଶୋଧ ନେବା ପୂର୍ବରୁ ଆମେରିକା କହିଛି ଯେ, ରଣନୈତିକ ଜଳପଥରେ ତିନୋଟି ଆମେରିକୀୟ ବିଧ୍ୱଂସକ ଜାହାଜକୁ ଟାର୍ଗେଟ୍ କରି ଇରାନ କ୍ଷେପଣାସ୍ତ୍ର, ଡ୍ରୋନ୍ ଓ ଦ୍ରୁତ ଆକ୍ରମଣକାରୀ ଡଙ୍ଗା ଦ୍ୱାରା ଆକ୍ରମଣ କରିଥିଲା ଯାହାକୁ ଆମେରିକା ସେନା ଅଟକାଇବାରେ ସଫଳ ହୋଇଛି। ଅର୍ଥାତ୍ ଇରାନ ପ୍ରଥମେ ଆକ୍ରମଣ କରିବା ପରେ ଆମେରିକା ପ୍ରତିଆକ୍ରମଣ କରିବାରୁ ସଦ୍ୟତମ ଉତ୍ତେଜନା ବୃଦ୍ଧି ପାଇଛି। ତେବେ ଇରାନ ଅଭିଯୋଗ କରିଛି ଯେ, ୱାସିଂଟନ ପ୍ରଥମେ ହର୍ମୁଜ ନିକଟରେ ଏହାର ଏକ ତୈଳ ଟ୍ୟାଙ୍କର ଓ ଅନ୍ୟ ଏକ ଜାହାଜ ଉପରେ ଆକ୍ରମଣ କରିଥିଲା, ଯାହାର ପ୍ରତିଶୋଧ ନିଆଯାଇଛି। ଏପ୍ରିଲ୍ ୮ରେ କାର୍ଯ୍ୟକାରୀ ହୋଇଥିବା ଦୁର୍ବଳ ଯୁଦ୍ଧବିରତି ରହିବ କି ନାହିଁ ତାହା ଉପରେ ନୂତନ ଯୁଦ୍ଧ ସନ୍ଦେହ ସୃଷ୍ଟି କରିଛି। ଉଭୟ ପକ୍ଷ ଏକ ସମ୍ଭାବ୍ୟ କୂଟନୈତିକ ସମାଧାନ ବିଷୟରେ ଆଲୋଚନା କରିବା ସହିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଜାରି ରଖିଛନ୍ତି। ଟ୍ରମ୍ପ ତେହେରାନକୁ ଚେତାବନୀ ଦେଇଛନ୍ତି ଯେ ଯଦି ଏହା ଶୀଘ୍ର ଏକ ଚୁକ୍ତି ସ୍ୱାକ୍ଷର କରିବାରେ ବିଫଳ ହୁଏ, ତେବେ ୱାସିଂଟନ ଅଧିକ ଭୟଙ୍କର ଭାବରେ ପ୍ରତିକ୍ରିୟା ଦେବ। ତେଣେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଅଭିଯୋଗ କରିଛି ଯେ, ଏହାର ବାୟୁ ପ୍ରତିରକ୍ଷା ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣକୁ ଅଟକାଇଛି। ଯଦି ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ପୁନର୍ବାର ବୃଦ୍ଧି ପାଏ ତେବେ ପଡୋଶୀ ଗଲ୍ଫ ଦେଶଗୁଡିକ ଅଧିକ ଇରାନୀ ଆକ୍ରମଣର ଶିକାର ହୋଇପାରନ୍ତି ବୋଲି ଏଥିରୁ ଅଶଙ୍କା ପ୍ରକାଶ ପାଇଛି। ତେଣେ ନୂତନ ହିଂସା ମଧ୍ୟରେ, ପାକିସ୍ତାନ ତେହେରାନ ଓ ୱାସିଂଟନ ମଧ୍ୟରେ କୂଟନୈତିକ ସମାଧାନ କରିବାକୁ ଚେଷ୍ଟା ଜାରି ରଖିଛି।

# ଆସନ୍ତା ୨୨ରୁ ଭୂମିକାର ନାଟ୍ୟ କର୍ମଶାଳା

ବଲାଙ୍ଗିର, ୦୮/୦୫ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭୂମିକା ପକ୍ଷରୁ ଆସନ୍ତା ୨୨ ତାରିଖରୁ ଏକ ନାଟ୍ୟ କର୍ମଶାଳାର ଆୟୋଜନ କରାଯିବ । କର୍ମଶାଳା ୨୨ ତାରିଖରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଉତ୍କଳ ସଂଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକର୍ମୀ ନବୀନ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଏନଏସଡିଆନ୍ମାନଙ୍କ ଦ୍ୱାରା କେତେକ ସ୍ୱତନ୍ତ୍ର ତାଲିମର ମଧ କାର୍ଯ୍ୟକ୍ରମ ରହିଛି । ସେହିପରି ଆମ ଅଞ୍ଚଳର ପ୍ରସିଦ୍ଧି ପ୍ରାପ୍ତ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକମାନେ ମଧ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି । ୨୨ ତାରିଖ ଅପରାହ୍ନରେ କର୍ମଶାଳା ଆରମ୍ଭ ହୋଇ ପ୍ରତ୍ୟେହ ସକାଳ ୭ଟାରୁ ସନ୍ଧ୍ୟା ୮ଟା ୩୦ ପର୍ଯ୍ୟନ୍ତ ଚାଲିବ । କେବଳ ୨୫ ଜଣ ପ୍ରଶିକ୍ଷାର୍ଥୀ ହିଁ ଏଥିରେ ଅଂଶଗ୍ରହଣ କରିବେ । ସେମାନଙ୍କ ପାଇଁ ସକାଳେ ଓ ସନ୍ଧ୍ୟାରେ ଜଳପାନ ସହ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି ବୋଲି ଭୂମିକାର ସମ୍ପାଦକ ଶକ୍ତିଧର ମିଶ୍ର କହିଛନ୍ତି । ତେବେ ଏହିଭଳି କର୍ମଶାଳାରେ ପିଲାଙ୍କ ବ୍ୟକ୍ତିତ୍ୱ ବିକାଶ, ସାମୂହିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଦକ୍ଷତା, ପ୍ରସଙ୍ଗ ଉପସ୍ଥାପନ ଦକ୍ଷତା, ସାମାଜିକ ଆଚରଣ ଆଦିର ବିକାଶ ହୋଇଥାଏ । ତେଣୁ ନାଟକ ପ୍ରତି ଆଗ୍ରହୀ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ଭୂମିକା ସହିତ ଯୋଗାଯୋଗ କରି ନାମ ପଞ୍ଜିକରଣ କରାଇନେବାକୁ ଭୂମିକା ସମ୍ପାଦକ ଶ୍ରୀ ମିଶ୍ର ଆହ୍ୱାନ କରିଛନ୍ତି ।

# ନୂଆପଡାରେ ୧୦ଟି 'ହେଲମେଟ୍ ହବ୍' ଉଦ୍‌ଘାଟିତ

ନୂଆପଡା, ୦୮/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଡକ ସୁରକ୍ଷା ସମିତି ଦ୍ୱାରା ଆଜି ଜିଲ୍ଲାର ୧୦ଗୋଟି ପ୍ରମୁଖ ସ୍ଥାନରେ "ହେଲମେଟ୍ ହବ୍" ଉଦଘାଟନ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଜିଲ୍ଲାରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଓ ଦୁର୍ଘଟଣାଜନିତ ମୃତ୍ୟୁ ଓ ଆହତ ସଂଖ୍ୟା କମାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ହେଲମେଟ୍ ହବ୍ ମାଧ୍ୟମରେ ସହଜ ଉପଲବ୍ଧତା ଓ ସଚେତନତା ବୃଦ୍ଧି ପାଇବା ସହିତ ଲୋକମାନଙ୍କୁ ହେଲମେଟ୍ ପ୍ରୟୋଗ ପ୍ରତି ଉତ୍ସାହିତ କରାଯିବ । ଜିଲ୍ଲାପାଳ ଏହି ଅବସରରେ କହିଥିଲେ ଯେ, "ସମସ୍ତଙ୍କ ସହଯୋଗ ଓ ସଚେତନତା ମାଧ୍ୟମରେ ଆମେ ନୂଆପଡାକୁ ୧୦୦ ପ୍ରତିଶତ ହେଲମେଟ୍ ବ୍ୟବହାରକାରୀ ଜିଲ୍ଲାରେ ପରିଣତ କରିପାରିବୁ ।"

# କେସିସି ବ୍ୟାଙ୍କ ମାଲକାନଗିରି ଶାଖାରେ କୋଟିଏ ଟଙ୍କା ଠକେଇ: ଦୁଇ ଠକ ଗିରଫ

ଜୟପୁର, ୦୮/୦୫ (ନି.ପ୍ର): କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମାଲକାନଗିରି ଶାଖାରୁ ୧.୦୮ କୋଟି ଟଙ୍କା ସରକାରୀ ପାଣ୍ଠି ହଡ଼ପ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ଜଣେ ମହିଳା ଏବଂ ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ଗିରଫ କରିଛି । ଏ ନେଇ ଜୟପୁର ଭିଜିଲାନ୍ସ ବିଭାଗ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଗିରଫ ଦୁଇ ଜଣ ହେଲେ ସୁଶ୍ରୀ ନିବେଦିତା ତରାଇ ଏବଂ ତାଙ୍କ ଲିଭ୍-ଇନ୍ ପାର୍ଟନର ନୃସିଂହ ପ୍ରସାଦ ଖମାରୀ ବୋଲି ଜଣାଯାଇଛି । ସେମାନେ ମାଲକାନଗିରିର କେସିସି ବ୍ୟାଙ୍କର ଶାଖା ପରିଚାଳକ ସୁଧାଂସୁ ଖୋରାଙ୍କ ସହ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି, ଯିଏ ୫ ମଇରେ ଗିରଫ ହୋଇଥିଲେ ଏବଂ ବର୍ତ୍ତମାନ ପୋଲିସ ରିମାଣ୍ଡରେ ଥିବା ଜଣାଯାଇଛି । ଜୟପୁର ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ସୁଧାଂସୁ ଖୋରା ଅପରାଧକୁ ଲୁଚାଇବା ପାଇଁ ଷଡ଼ଯନ୍ତ୍ରର ଅଂଶ ଭାବରେ ପ୍ରାୟ ୬୩ ଲକ୍ଷ ଟଙ୍କା ହେରଫେର କରିଥିବା ଅର୍ଥ ଉଭୟଙ୍କୁ ହସ୍ତାନ୍ତର କରିଥିଲେ । ଅଭିଯୁକ୍ତ ଖୋରା ଏକ ଫେସବୁକ୍ ପ୍ରୋଫାଇଲ୍ ମାଧ୍ୟମରେ ନିବେଦିତା ତରାଇଙ୍କ ସମ୍ପର୍କରେ ଆସିଥିଲେ ଏବଂ ସେମାନେ ଏକାଠି ବ୍ୟାଙ୍କ ପାଣ୍ଠି ହଡ଼ପ କରିବାକୁ ଯୋଜନା କରିଥିଲେ । ଭିଜିଲାନ୍ସ ଅଧିକାରୀମାନେ ସନ୍ଦେହ କରୁଛନ୍ତି ଯେ, ତରାଇ ଏବଂ ଖମାରୀ ବହୁ ଠକେଇ ମାମଲାରେ ଜଡିତ ବୃତିଗତ ଠକ । ଏପର୍ଯ୍ୟନ୍ତ ବାଙ୍ଗାଲୋରରେ ୧୪ ଲକ୍ଷ ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି, ଯେତେବେଳେ ଜଗତସିଂପୁରରୁ ଆଉ ୩୦ ଲକ୍ଷ ଟଙ୍କାର ଠକେଇ ରିପୋର୍ଟ ହୋଇଛି । ବାରିପଦା, ପାରାଦୀପ ଏବଂ ଭୁବନେଶ୍ୱରରେ ମଧ ସମାନ ଅପରାଧ ସନ୍ଦେହ କରାଯାଉଛି । ତଦନ୍ତର ଏକ ଅଂଶ ସ୍ୱରୂପ, ଅଧିକାରୀମାନେ ଟଙ୍କା ଟ୍ରେଲ୍ ଖୋଜିବା ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇର ପର୍ଦ୍ଦାଫାସ କରିବା ପାଇଁ ଉଭୟଙ୍କ ସହିତ ଜଡିତ ୨୫ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୧୨ଟି ଷ୍ଟକ୍ ଟ୍ରେଡିଂ ଆକାଉଂଟ ଯାଂଚ୍ କରୁଛନ୍ତି । ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ଘର ଖୋଜାଖୋଜି ସମୟରେ, ଭିଜିଲାନ୍ସ ଟିମ୍ ବହୁ ସଂଖ୍ୟକ ଅପରାଧିକ ଜିନିଷ ଜବତ କରିଛନ୍ତି, ଯେଉଁଥିରେ ୩୩ଟି ମୋବାଇଲ୍ ଫୋନ୍ ଯାହା ମଧ୍ୟରୁ ୨୭ଟି ପ୍ରମାଣ ନଷ୍ଟ କରିବା ପାଇଁ ଜାଣିଶୁଣି କ୍ଷତି ହୋଇଛି । ଡେସ୍କଟପ୍ କମ୍ପ୍ୟୁଟର ଏବଂ ଟାବଲେଟ୍, ଆତ୍ମସାତ ଟଙ୍କା ବ୍ୟବହାର କରି କିଣାଯାଇଥିବା ଅଳଙ୍କାର, ଏକ ଡ୍ରୋନ୍ ଏବଂ ଉଚ୍ଚମାନର କ୍ୟାମେରା ଜବତ କରିଛି । ଭିଜିଲାନ୍ସ ଅଧିକାରୀମାନେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି ଯେ, ସୁଧାଂସୁ ଖୋରା ଏବଂ ନିବେଦିତା ତରାଇ ଏକ ସୁସଂଗଠିତ ଅପରାଧ ସିଣ୍ଡିକେଟ୍ ପରିଚାଳନା କରୁଥିଲେ ଯାହାର ଲକ୍ଷ୍ୟ ବ୍ୟବସ୍ଥାଗତ ଭାବରେ ଲୋକଙ୍କୁ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ଠକିବା । ସେମାନଙ୍କ କାର୍ଯ୍ୟକଳାପର କାରନାମା ଧରିବା ପାଇଁ ଅଧିକ ତଦନ୍ତ ଚାଲିଥିବା ଜୟପୁର ଭିଜିଲାନ୍ସ ତରଫରୁ ସୂଚନା ଦିଆଯାଇଛି ।

# ବ୍ଲକ ଅଧ୍ୟକ୍ଷା ସରକାରୀ ଫାଇଲ ଚିରିବା ଘଟଣା ଥାନାରେ ମାମଲା ରୁଜୁ

ବଲାଙ୍ଗିର, ୦୮/୦୫ (ନି.ପ୍ର): ପାଟଣାଗଡ଼ ବ୍ଲକ ର ଚେୟାରମେନ ବ୍ଲକ କାର୍ଯ୍ୟାଳୟରେ ନିଜେ ଗତକାଲି ବଡ଼ବାବୁଙ୍କୁ ଫାଇଲ ମାଗି ସରକାରୀ ଉନ୍ନତିମୂଳକ ଫାଇଲ ଚିରିଦେବା ଅଭିଯୋଗ ହୋଇଛି । ଏହି ଘଟଣା ଏବେ ସାରା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜଣେ ଜନ ପ୍ରତିନିଧିଙ୍କ ନାମରେ ଏପରି ଅଭିଯୋଗ କେବଳ ଦୁଃଖଦ ନୁହେଁ, ବରଂ ସରକାରୀ ବ୍ୟବସ୍ଥା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଖୋଲା ଅସମ୍ମାନ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ସୂଚନା ଅନୁଯାୟୀ, ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ କୌଣସି କାମରେ ବ୍ଲକ ସ୍ଥିତ ହେଡ୍ କ୍ଲର୍କଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଧାତୁକ ଗ୍ରାମପଂଚାୟତର ମଲ୍ଲିକ ମୁଣ୍ଡାରୁ ଧାତୁକ ରାସ୍ତା ଉନ୍ନତି କାର୍ଯ୍ୟ ସମ୍ବନ୍ଧୀୟ ଫାଇଲ ଦେଖି ବିରକ୍ତି ପ୍ରକାଶ କରିଥିଲେ କୌଣସି କାମ ହେଉନାହିଁ ବୋଲି କହିଥିଲେ । ଏ ସଂପର୍କରେ ଅଭିଯୋଗ ଅନୁସାରେ ସେ ଉକ୍ତ ସରକାରୀ ଫାଇଲକୁ ଚିରି ଦେଇଥିବା ସହ ଗୋଡ଼ରେ ଆଡେଇ ଦେଇଥିଲେ । ପରେ ସେ ଅଫିସରୁ ବାହାରି ଯାଇଥିବା କୁହାଯାଉଛି । ଘଟଣା ପରେ ହେଡ୍ କ୍ଲର୍କ ସରୋଜ କୁମାର ବାବୁ ପାଟଣାଗଡ଼ ବିଡିଓଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ । ବିଡିଓ ସେତେବେଳେ ବାହାରେ ଥିବାରୁ ପୋଲିସକୁ ଅବଗତ କରାଯାଇଥିଲା । ସୂଚନା ପରେ ପାଟଣାଗଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ପାରିପାର୍ଶ୍ୱିକ ସ୍ଥିତି ସିସିଟିଭି ଫୁଟେଜ ସହ ଅନ୍ୟାନ୍ୟ ପରିସ୍ଥିତିକୁ ନେଇ ତଦନ୍ତ ଆରମ୍ଭ କରି କରିଥିଲେ । ପରେ ଗତକାଲି ବିଡିଓ ଆସି ଏ ସମ୍ପର୍କରେ ଥାନାରେ ଏତଲା ଦେଲାପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଜାରି ରଖିଛି । ଏକ ସରକାରୀ ଫାଇଲ କେବଳ କାଗଜ ନୁହେଁ, ଏହା ଲୋକଙ୍କ ଉନ୍ନତି, ସରକାରୀ ନିୟମ ଓ ପ୍ରଶାସନିକ ପ୍ରକ୍ରିୟାର ପ୍ରତୀକ । ଯଦି ଜଣେ ଜନପ୍ରତିନିଧି ନିଜ ରୋଷରେ ସରକାରୀ ଦଲିଲକୁ ଚିରି ଦେଇଥାନ୍ତି, ତେବେ ଏହା ନିଶ୍ଚିତ ଭାବେ ଅନୁଶାସନ ହୀନତା ଓ ଅଧିକାରର ଦୁରୁପଯୋଗର ଉଦାହରଣ ବୋଲି ଲୋକେ ଆଲୋଚନା କରୁଛନ୍ତି । ଏସମ୍ପର୍କରେ ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଝାରୀ ପାଟଣାଗଡ ଥାନାରେ ମାମଲା ରୁଜୁ ପରେ ତଦନ୍ତ ଜାରୀ ରହିଛି କୌଣସି ଗିରଫ ଦାରି ହୋଇନଥିବା ସୂଚନା ଦେଇଛନ୍ତି ।

# ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରି ଚାଲିଛି ଗୁପଚୁପ୍: ପ୍ରଶାସନର ଚଢ଼ଉ ଦାବି

ଜୟପୁର, ୦୮/୦୫ (ନି.ପ୍ର): କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ଚାଲିଛି ଗୁପଚୁପ୍ । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ଚାଲିଛି ଜୋରସୋରରେ ଗୁପଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରି ବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ ଯାଂଚ୍ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ୍ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି । ଓଡିଆ ବ୍ୟବସାୟୀଙ୍କ ଅପେକ୍ଷା ରାଜ୍ୟ ବାହାରର କେତେକ ବ୍ୟବସାୟୀ ଜୟପୁରରେ ଗୁପଚୁପ ବେପାର କରିଆସୁଥିବା ଦେଖିବାକୁ ମିଳୁଛି । ବିନା ଫୁଡ ଲାଇସେନ୍ସରେ ଗୁପଚୁପ ବ୍ୟବସାୟ କରୁଥିବା ବାହାର ରାଜ୍ୟର ବ୍ୟବସାୟୀମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ଲଗାନଯିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ । ବାସ୍ତବିକ ଭାବେ ରାସ୍ତାକଡରେ ବିକ୍ରୀ ହେଉଥିବା ଗୁପଚୁପ ଓ ଖଟାପାଣି ଗୁଡିକ ସ୍ୱାସ୍ଥ୍ୟ ପ୍ରତି ଉପଯୋଗୀ କି ନାହିଁ ତାହା ଯାଂଚ୍ କରିବା ଜରୁରୀ ହୋଇପଡିଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପ୍ରସ୍ତୁତ ଓ ବିକ୍ରୀ ହେଉଥିବା ଗୁପଚୁପର ମାନ ଯାଂଚ୍ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି । ପ୍ରଶାସନ ତୁରନ୍ତ ଚଢ଼ଉ କରିବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ଓ ଛକ ନାମକରଣ ପାଇଁ ଏକତ୍ରିତ ହେଲେ ଲଳିତ ପ୍ରେମୀ

ବଲାଙ୍ଗିର, ୦୮/୦୫ (ନି.ପ୍ର): ବଲାଙ୍ଗିର ମାଟିର ଗର୍ବ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ଅବଦାନକୁ ସମ୍ମାନ ଜଣାଇ ବଲାଙ୍ଗିରର ସମସ୍ତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ପ୍ରତିନିଧି ଦଳ ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସମାଜସେବା କ୍ଷେତ୍ରରେ ଏକ ଅନନ୍ୟ ବ୍ୟକ୍ତିତ୍ୱ ଲଳିତ କୁମାର ନାୟକ କେବଳ ବଲାଙ୍ଗିର ନୁହେଁ, ବରଂ ସମଗ୍ର ରାଜ୍ୟ ପାଇଁ ସମାଜସେବାର ଏକ ଜ୍ୱଳନ୍ତ ଉଦାହରଣ ଥିଲେ । ଦୀର୍ଘ ୪୦ ବର୍ଷ ଧରି ସେ ନିଜକୁ ଜନସେବାରେ ଉତ୍ସର୍ଗ କରିଥିଲେ । ଶ୍ରମିକ ଓ ମୂଲିଆଙ୍କ ହକ୍ ପାଇଁ ସେ ସର୍ବଦା ସ୍ୱର ଉତୋଳନ କରୁଥିବା ସହ ସମଗ୍ର ରାଜ୍ୟରେ ଜଣେ ଚର୍ଚ୍ଚିତ ରକ୍ତଦାତା ଭାବେ ସେ ପରିଚିତ ଥିଲେ ଏବଂ ହଜାର ହଜାର ଯୁବକଙ୍କୁ ଏଥିପାଇଁ ଅନୁପ୍ରାଣିତ କରିଥିଲେ ।ରିକ୍ସା ଚାଳକ ସଂଘଠାରୁ ଆରମ୍ଭ କରି ଶତାଧିକ ସାମାଜିକ ଅନୁଷ୍ଠାନକୁ ସେ ନେତୃତ୍ୱ ପ୍ରଦାନ କରିଥିଲେ । ଅଜଣା ଶବ ସଂସ୍କାର ଠାରୁ ଆରମ୍ଭ କରି ରୋଗୀ ସେବା ପର୍ଯ୍ୟନ୍ତ, ପ୍ରତିଟି କ୍ଷେତ୍ରରେ ତାଙ୍କର ଉପସ୍ଥିତି ବଲାଙ୍ଗୀରବାସୀଙ୍କୁ ଆଶ୍ୱାସନା ଦେଉଥିଲା ।

ପ୍ରତିନିଧି ଦଳ ପକ୍ଷରୁ ଦିଆଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଲଳିତ ବାବୁଙ୍କ ଦେହାନ୍ତକୁ ୫ ବର୍ଷ ବିତିଯାଇଥିଲେ ମଧ ସହରରେ ତାଙ୍କର କୌଣସି ସ୍ମୃତି ରକ୍ଷା କରାଯାଇନାହିଁ । ବଲାଙ୍ଗୀର ସହରର ଏକ ମୁଖ୍ୟ ଛକରେ ସ୍ୱର୍ଗତ ନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ସମ୍ପୃକ୍ତ ମୁଖ୍ୟ ଛକକୁ ତାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହାଦ୍ୱାରା ତାଙ୍କର ନିସ୍ୱାର୍ଥପର ସେବାକୁ ସହରବାସୀ ସ୍ମରଣ କରିପାରିବେ । ତା'ସହ ବଲାଙ୍ଗିର ସ୍ଥିତ ଶ୍ରମିକ ମଙ୍ଗଳ ଭବନର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରିବାକୁ ଦାବି ହୋଇଛି, ଯାହା ସହିତ ଲଳିତ ବାବୁଙ୍କ ଭାବପ୍ରବଣତା ଜଡ଼ିତ ରହିଛି । 'ଏହି ମହାନ ବ୍ୟକ୍ତିତ୍ୱଙ୍କ ଋଣ ପରିଶୋଧ କରିବା ଅସମ୍ଭବ, କିନ୍ତୁ ତାଙ୍କ ନାମରେ ଏକ ଛକ ଓ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ଏହା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ପୌରପରିଷଦ ଏହା ଉପରେ ସହାନୁଭୂତିର ସହ ବିଚାର କରିବାକୁ ଅନୁଷ୍ଠାନଗୁଡ଼ିକ ଅନୁରୋଧ କରିଛନ୍ତି । ପୌରାଧ୍ୟକ୍ଷା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ ଏହାକୁ ଯଥା ଶୀଘ୍ର କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଆଜି ଏହି ପ୍ରତିନିଧି ଦଳରେ ପ୍ରଭାକର ମିଶ୍ର, ରତନ ମହାରଣା, ପ୍ରଭାସ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ନାୟକ, ସୋମନାଥ ମିଶ୍ର, ହରିଶଙ୍କର ଛତ୍ରିଆ, ବିଭସ ଘଡେଇ, ଲଳିତ ପୁଝାରୀ, ଅରୁଣ ନାଏକ, ମୁକେଶ ପଧାନ, ବୁଲୁ ମହାକୁର, କନ୍ଦର୍ପ ରଣା, ପ୍ରିତମ ବଡ଼ାଡ, ବାପିନା ମହାରଣା, ଆଶିଷ ସିଂଙ୍କ ସହ ବହୁ ଅନୁଷ୍ଠାନର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

# ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ୨୦୨୬ ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ବ୍ରହ୍ମପୁର, ୦୮/୦୫ (ନି.ପ୍ର): ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିବା ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲାର ଅନ୍ୟତମ ପୁରାତନ ଉଚ୍ଚ ବିଦ୍ୟାଳୟ ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଏକ ସୁନାମଧନ୍ୟ ବିଦ୍ୟାଳୟ ଭାବରେ ସୁପ୍ରତିଷ୍ଠିତ । ବିଗତ ସମୟରେ ସ୍ୱର୍ଗତ ରାମକୃଷ୍ଣ ପାଢ଼ି, ଅନନ୍ତ ରାମ ଆଚାର୍ଯ୍ୟ, କିଶୋର ଚନ୍ଦ୍ର ପାଢୀଙ୍କ ଭଳି ବିଶିଷ୍ଟ ଶିକ୍ଷାବିତ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ବହୁ ସୁନାମ ରଖିଯାଇଛନ୍ତି । ଏଥି ସହିତ ଏହି ବିଦ୍ୟାଳୟର ବହୁ ପୁରାତନ ଛାତ୍ରମାନେ ମଧ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । କିନ୍ତୁ ବର୍ତ୍ତମାନ ସମୟରେ ଏହି ବିଦ୍ୟାଳୟ ଏକ ସାଧାରଣ ବିଦ୍ୟାଳୟ କ୍ଷ ଏଠାରେ ଅଧ୍ୟୟନ କରୁଥିବା ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ଆର୍ଥିକ ଅନଗ୍ରସର ବର୍ଗର କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ବିଗତ ତିନି ବର୍ଷ ହେବ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଏବଂ ଛାତ୍ରଛାତ୍ରୀ ମାନଙ୍କ ପରିଶ୍ରମ ଫଳରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରାୟତଃ ଶତପ୍ରତିଶତ ସଫଳତା ହୋଇ ଆସୁଛି । ଏହି ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଏକ ସାଧାରଣ ବିଷୟ ଏବଂ ଉପର ମହଲାର ଛାତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ତଥାପି ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୪୫ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ବି ୨ ଗ୍ରେଡ ରେ ପାଂଚ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ପାରିଛନ୍ତି । ଏଥି ସହିତ ଅନ୍ୟାନ୍ୟ ଗ୍ରେଡ ରେ ସମସ୍ତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ବେଳେ ଜଣେ ମାନସିକ ଅବସାଦ ଗ୍ରସ୍ତ ଛାତ୍ରୀ ମାତ୍ର ଅଳ୍ପ ମାର୍କ ବ୍ୟବଧାନରେ ଅକୃତକାର୍ଯ୍ୟ ହୋଇଛନ୍ତି । ଏହି ଅବସରରେ ବିଦ୍ୟାଳୟର ୧୯୭୪ ମସିହା ମେଟ୍ରିକ୍ ଛାତ୍ର ସଂସଦ ତରଫରୁ ଉପଦେଷ୍ଟାମହେନ୍ଦ୍ର କୁମାର ଅଗ୍ରୱାଲ ଓ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରମିଳା କୁମାରୀ ପଟ୍ଟନାୟକଙ୍କ ସମେତ ଗୀତାଞ୍ଜଳି ଦେବୀ, ଜ୍ୟୋସ୍ନାରାଣୀ ପାଢୀ, ଟୁକୁନି ବଡ଼ ମୁଣ୍ଡି, ପରମେଶ୍ୱର ପାଣିଗ୍ରାହୀ, ସୌମ୍ୟା ନାୟକ, ଲୋପାମୁଦ୍ରା ପଟ୍ଟନାୟକ, ଅମ୍ରିତା ପ୍ରଧାନ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପହାର ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ଏବଂ ଆଗାମୀ ଦିନରେ ଗ୍ରୀଷ୍ମ ଛୁଟି ପରେ ବିଦ୍ୟାଳୟରେ ଏକ ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଛାତ୍ର ସଂସଦ ତରଫରୁ ଉପହାର ସହ ଆର୍ଥିକ ପୁରସ୍କୃତ କରାଯିବ ପାଇଁ ସ୍ଥିର କରାଗଲା । ପ୍ରକାଶ ଥାଉକି, ବିଗତ ବର୍ଷ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଥିବା ଟିନା ନାୟକଙ୍କୁ ଛାତ୍ର ସଂସଦ ତରଫରୁ ଏଯାବତ ପ୍ରତ୍ୟେକ ମାସରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଅନୁଷ୍ଠିତ ସମ୍ବର୍ଦ୍ଧନା ଅବସରରେ ଛାତ୍ର ସଂସଦ ଆବାହକ ନିରଞ୍ଜନ ମହାପାତ୍ର, ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ, ଉପସଭାପତି କୈଳାସ ଚନ୍ଦ୍ର ସାହୁ ଏବଂ ଶଙ୍କର ପ୍ରସାଦ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ସଭ୍ୟମାନେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

# ନୂତନ ଓସାରିଆ ବ୍ରିଜ ନିର୍ମାଣ ଦାବି

ନୂଆପଡ଼ା, ୦୮/୦୫ (ନି.ପ୍ର): ଖଡିଆଳ ଠାରୁ ବୋଡେନକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପଲସଦା ନଦୀରେ ନିର୍ମିତ ବ୍ରିଜ ଅଣଓସାରିଆ ରହିଥିବାରୁ ଏକ ଓସାରିଆ ବ୍ରିଜ ନିର୍ମାଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି । ବୋଡେନ ଏକ ବ୍ଲକ ମୁଖ୍ୟାଳୟ ହୋଇଥିବା ବେଳେ ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାନବାହାନ ଯାତାୟତ କରିଥାଏ । କିନ୍ତୁ, ପଳସଦା ବ୍ରିକ ଅଣଓସାରିଆ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଯାନବାହାନ ଯାତାୟାତ କରୁଅଛି । ଏହି ବ୍ରିଜ ୧୦ରୁ ୧୨ ଫୁଟ ଓସାର ଥିବାରୁ ଏକାସାଙ୍ଗରେ ୨ ଗୋଟି ୪ ଚକିଆ ଯାନ ଯାତାୟତ କରିପାରିନଥାଏ । ଯାହାଫଳରେ ଗୋଟିଏ ୪ ଚକିଆ ଯାନ ଅଟକି ରହିଲେ ଅନ୍ୟଯାନଟି ଅତିକ୍ରମ କରିଥାଏ ।

# ଖଲିଆପାଲି ପଂଚାୟତ କିରାବାହାଲରେ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗୀର, ୦୮/୦୫ (ନି.ପ୍ର): ସରକାର ସମାଜର ଅବହେଳିତ, ଭିନ୍ନକ୍ଷମ, ବିଧବାଙ୍କ ପାଇଁ ବିଭିନ୍ନ ପ୍ରକାର ସରକାରୀ ଯୋଜନା ରଖିଛନ୍ତି କିନ୍ତୁ ଦେଖାଦେଉଛି ଅନେକ ହିତାଧିକାରୀ ସେଥିରୁ ଲାଭ ପାଉ ନାହାନ୍ତି । ଅନେକ ଭିନ୍ନକ୍ଷମ ଅଛନ୍ତି ଯେଉଁମାନେ ସରକାରୀ କାର୍ଯ୍ୟାଳୟକୁ ଯାଇ ନିଜର ଆବେଦନ କରିପାରନ୍ତି ନାହିଁ । ଏପରି ସ୍ଥଳେ ବିଭାଗୀୟ କର୍ମଚାରୀମାନେ ତାଙ୍କ ପାଖକୁ ଆସି ଏହି ଯୋଜନାରୁ ଲାଭ ପାଇବା ପାଇଁ ଦରକାର ହେଉଥିବା କାଗଜପତ୍ର ସବୁ ପ୍ରସ୍ତୁତ କରିବା ଦରକାର କିନ୍ତୁ ଆମ ସରକାରୀ କର୍ମଚାରୀ ହୁଅନ୍ତୁ କି ଅଧିକାରୀ ହୁଅନ୍ତୁ ଏଥିରେ ଫେଲ୍ ମାରୁଛନ୍ତି ତେଣୁ ଏହି ଯୋଜନା ଯେଉଁମାନଙ୍କ ପାଇଁ ତିଆରି ହୋଇଛି ସେମାନଙ୍କ ପାଇଁ ସମ୍ବେଦନଶୀଳ ହୋଇ ଜିଲ୍ଲା ପ୍ରଶାସନ କାମ କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଖଲିଆପାଲି ପଂଚାୟତର କିରାବାହାଲ ଠାରେ ଲୋକଙ୍କ ଠାରୁ ଅଭିଯୋଗ ଶୁଣି ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ବ୍ଲକ ସ୍ତରରେ ଯେତେ ବି ଜନହିତ ଯୋଜନା ଅଛି ଲୋକେ ତା'ର ସୁବିଧା ପାଉନାହାନ୍ତି । ଉଦାହରଣ ସ୍ୱରୁପ ଏ ଅଂଚଳରେ ଅନେକ ଲୋକ ତାଙ୍କ ଗୃହପାଳିତ ପଶୁ ପାଇଁ ଗୁହାଳ ତିଆରି କରିଛନ୍ତି କିନ୍ତୁ ଦେଖାଯାଉଛି ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ଆସୁଥିବା ଟଙ୍କା ସେମାନେ ପାଇ ପାରୁନାହାନ୍ତି । ଏହି ଯୋଜନାରେ ଶ୍ରମ କାମ ପାଇଁ ଆସୁଥିବା ଟଙ୍କା ଆସିଯାଉଥିବାବେଳେ ବର୍ଷ ବର୍ଷ ଧରି ସାମଗ୍ରୀ ପାଇଁ ଅନୁଦାନ ଆସୁନାହିଁ ତେଣୁ ଅନେକ ହିତାଧିକାରୀ ଟଙ୍କା ଖର୍ଚ୍ଚ କରି ଘୋର ଅସୁବିଧାରେ ଅଛନ୍ତି । ଏହି ଅଂଚଳରେ ଷ୍ଟ୍ରିଟ ଲାଇଟ ମରାମତି ପାଇଁ ବ୍ଲକ ପ୍ରଶାସନ ମୋଟେ ଧ୍ୟାନ ଦେଉନାହାନ୍ତି ବୋଲି ଲୋକ ଅଭିଯୋଗ କରିଥିଲେ । ପିଇବା ପାଣି ସମସ୍ୟା ମଧ ଧିରେ ଧିରେ ବଢ଼ିବାରେ ଲାଗୁଛି । ୨୦୨୪ ନିର୍ବାଚନ ପରବର୍ତ୍ତି ସମୟରୁ ଅଂଚଳର ବିକାଶ ପାଇଁ କୌଣସି ନୂତନ ପ୍ରକଳ୍ପ ଆସୁନଥିବା ଆଲୋଚନାରେ ଲୋକେ କହିଥିଲେ । ଏ ଅଂଚଳର ଜୀବନରେଖା କୁହାଯାଉଥିବା ଛତାମଖନା ବ୍ୟାରେଜର ସୌନ୍ଦର୍ଯ୍ୟକରଣ ତଥା ମାଟି ବନ୍ଧ ପାଇଁ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଏ ଅଂଚଳବାସୀଙ୍କ ମନରେ ଧିରେ ଧିରେ ଅସନ୍ତୋଷର ଦାନା ବାନ୍ଧୁଛି ।

# ସୁବର୍ଣ୍ଣପୁର ଜିଲ୍ଲା ପରିଷଦ ବୈଠକ : ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ୦୮/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ପରିଷଦ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଳା, ସାଂସଦଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର, ଉପାଧ୍ୟକ୍ଷ ଝସକେତନ ବଘାର, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଭାରପ୍ରାପ୍ତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କାଳିଆ ମଲ୍ଲିକ ସହ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଏବଂ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ଥିଲେ । ଇଂ. ରଘୁନାଥ ଜଗଦଳା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର କିପରି ଶତ ପ୍ରତିଶତ ସଫଳ ରୂପାୟନ ହେବ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକକୁ ପ୍ରତିନିଧି ପଠାଇ ଦେଇ ଜିଲ୍ଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ଏଠାରୁ ଜିଲ୍ଲାପାଳ ଡ. ସାହୁ ଅଧିକାରୀମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରି ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ କରିଥିଲେ । ବୈଠକରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ସମ୍ପର୍କରେ ଖଣି ବିଭାଗର ପଦକ୍ଷେପ ଉପରେ ଚର୍ଚ୍ଚା ହୋଇଥିଲା । ସେହିପରି ଜଙ୍ଗଲ ବିଭାଗର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନପ୍ରତିନିଧିମାନଙ୍କୁ ସାମିଲ କରିବାକୁ କୁହାଯାଇଥିଲା । ଟାଟା ପାୱାରକୁ ସୋଲାର ପାୱାର ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦେବା ସହିତ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ମାନଙ୍କରେ ଶ୍ରେଣୀଗୃହ ସଂଖ୍ୟା କମ୍ ଥିବା ଓ ଶିକ୍ଷକ ଅଭାବ ସମସ୍ୟା ସମାଧାନ କରିବାକୁ କୁହାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସୂତି ଚିକିତ୍ସା ଓ ଶିଶୁ ଜନ୍ମ ସମ୍ପର୍କିତ ସରକାରୀ ଓ ବେସରକାରୀ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ମିଳିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ରାମ୍ପ କାମ ତ୍ୱରାନ୍ୱିତ କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା କଡା କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ତୁଳସୀ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୦୮/୦୫ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅର୍ନ୍ତଗତ ଇଚ୍ଛାପୁର ସ୍ଥିତ ତୁଳସୀ ବିଦ୍ୟା ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ ନିରଞ୍ଜନ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୱାନ ହେବା ସହ ସଂସ୍କାରି ତଥା ସୁମଣିଷଟିଏ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ଓଡ଼ିଆ ମିଡିୟମ ସ୍କୁଲର ପାଠ ପଢ଼ାଉଥିବାରୁ ସାଧୁବାଦ ଜଣାଇଥିଲେ । ବିଦ୍ୟାଳୟର ସଂପାଦକ ରବୀନ୍ଦ୍ର କୁମାର ଦାଶଙ୍କ ପରିଚାଳନରେ ଅନୁଷ୍ଠିତ ଏହି ସଭାରେ ସହ ମଣ୍ଡଳ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ସି.ଆର୍.ସି.ସି. ମହମ୍ମଦ ଫୟାଜୁଦିନ, କାଉନସିଲର କାଳ ପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରତିଯୋଗିତାର ସଫଳତା ପାଇଁ ପୁରସ୍କାର ପ୍ରଦାନ କରିଥିଲେ । ଅଧ୍ୟକ୍ଷା ମିନାକ୍ଷୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପାଧ୍ୟକ୍ଷ ନିରଞ୍ଜନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଗଣେଶ ଚନ୍ଦ୍ର ଦାସ, ଶୁଭକାନ୍ତି ବେହେରା, ସଙ୍ଗିତା ମିଶ୍ର, ମିନତୀ ଗେରୁ, ବିଜୟାଲକ୍ଷ୍ମୀ ମଲ୍ଲ, ମନ୍ଦାକିନୀ ମହାକୁଳ, ସଂଗ୍ରାମ ମହାନ୍ତି, ବର୍ଷାରାଣୀ ସାମଲ ପ୍ରତୀକ୍ଷା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସଭାକାର୍ଯ୍ୟ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଥିଲା ।

# ଘରେ ସହଜରେ ତିଆରି କରନ୍ତୁ ସୁଆଦିଆ ଲାଉ କ୍ଷିରୀ



ସାଧାରଣତଃ ମିଠା ଖାଇବାକୁ ସମସ୍ତଙ୍କୁ ଭଲ ଲାଗିଥାଏ । ହେଲେ ମିଠା ଆମ ଶରୀରର ପାଇଁ ଭଲ ନୁହେଁ ବୋଲି ଆମେ ମିଠା ଖାଇବାରେ ରୋକ୍ ଲଗାଇଥାଉ । ମିଠା କଥା ଆସିଲେ ମାନେ ଆମେ କ୍ଷିରୀ କଥା ମନେ ପକାଇଥାଉ । ଅଧିକାଂଶ ଲୋକମାନଙ୍କୁ କ୍ଷିରୀ ଖାଇବାକୁ ଅଧିକ ଭଲ ଲାଗିଥାଏ । ହେଲେ ଯଦି ଅତ୍ୟଧିକ ମିଠାଯୁକ୍ତ ହୋଇଥାଏ ତେବେ ଏହା ଆମ ଶରୀର ପାଇଁ ଅତ୍ୟନ୍ତ ହାନିକାରକ ହୋଇଥାଏ । ଯାହା ଶରୀରକୁ ଦୁର୍ବଳ କରିଥଏ । ସୁଆଦିଆ ହେଲେ ମଧ୍ୟ ଦେହ ପାଇଁ ଆଦୌ ଭଲ ହୋଇନଥାଏ । ତେବେ ଆସନ୍ତୁ ଜାଣିବା ଅତି କମ୍ ମିଠାରେ ଲାଉରେ କିପରି କ୍ଷିରୀ କରିବା । ଏହା ସ୍ୱାଦିଷ୍ଟ ଲାଗିବା ସହ ଶରୀରକୁ କୌଣସି କ୍ଷତି ମଧ୍ୟ ପହଞ୍ଚାଇନଥାଏ । ଯଦି ଏହି ଖିର ଚିନି ବିନା, ଗୁଡ଼ କିମ୍ବା ଖଜୁର ବ୍ୟବହାର କରି ତିଆରି କରାଯାଏ, ତେବେ ଏହା କେବଳ ସ୍ୱାଦିଷ୍ଟ ନୁହେଁ ବରଂ ଅତ୍ୟନ୍ତ ପୁଷ୍ଟିକର ମଧ୍ୟ ହୋଇଯାଏ । ଆସନ୍ତୁ ଜାଣିବା ସେହି ସ୍ୱତନ୍ତ୍ର ରେସିପି ଯାହାର ରେସିପି ବିଷୟରେ ସମସ୍ତେ ଆପଣଙ୍କୁ ପଚାରିବେ। ଗୁଡ଼ କ୍ଷୀରି ପାଇଁ ଏହି ଜିନିଷଗୁଡ଼ିକ ପ୍ରସ୍ତୁତ କରନ୍ତୁ : ପ୍ରଥମେ କଞ୍ଚା ଲାଉ ନିଅନ୍ତୁ । ୧ ଲିଟର ଫୁଲ୍ କ୍ରିମ୍ କ୍ଷୀର ନିଅନ୍ତୁ । ୧ରୁ ୨ କପ୍ ଗୁଡ଼ କିମ୍ବା ଖଜୁରି ପେଷ୍ଟ , ୧ଚାମଚ ଘିଅ ସହ କାଜୁ , ବାଦାମ ଏବଂ ପିସ୍ତା ନିଅନ୍ତୁ । ତାକୁ ଭଲ ଭାବରେ ଘିଅରେ ଭାଜି ନିଅନ୍ତୁ । ତେବେ ଆସନ୍ତୁ ଜାଣିବା ପ୍ରସ୍ତୁତ ପ୍ରଣାଳୀ - ପ୍ରଥମେ, ଲାଉ ଛଡ଼ାଇ ଛେଚି ଦିଅନ୍ତୁ ଏବଂ ଏହାର ଅତିରିକ୍ତ ପାଣି ଚିପୁଡ଼ି ବାହାର କରିଦିଅନ୍ତୁ । ଏକ ପ୍ୟାନରେ ଘିଅ ଗରମ କରନ୍ତୁ ଏବଂ ଛେଚା ହୋଇଥିବା କଞ୍ଚା ପାତ୍ରକୁ ମଧ୍ୟମ ଆଞ୍ଚରେ ୫ରୁ ୭ ମିନିଟ୍ ପାଇଁ ଭାଜି ଦିଅନ୍ତୁ । ଏପରି ଭାଜନ୍ତୁ ଯେ ଯେପରି କଖାରୁର କଞ୍ଚାପଣ ଦୂର ହୋଇଯିବ । ତା ପରେ ଆଉ ଏକ ପାତ୍ରରେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ । କ୍ଷୀର ଟିକେ ରଙ୍ଗଯୁକ୍ତ ହୋଇଗଲେ ପୂର୍ବରୁ ଭଜା ହୋଇଥିବା ସାମଗ୍ରୀକୁ କ୍ଷୀରରେ ପକାନ୍ତୁ । ଲାଉ ନରମ ହେବା ପର୍ଯ୍ୟନ୍ତ ଏବାକୁ ଭଲ ଭାବେ କମ୍ ଆଞ୍ଚରେ ରାନ୍ଧନ୍ତୁ । ଶେଷରେ କଞ୍ଚା ବାଦାମ , ଖଜୁରୀ ଭଳି ଡ୍ରାଏ ଫ୍ରୁଟକୁ ଆଡ୍ କରନ୍ତୁ । ଏହା ଚିନି ଭଳି ସ୍ୱାଦ ପ୍ରଦାନ କରିଥାଏ । ପରେ କ୍ଷିରୀ ଉପରେ ଟିକେ ଘିଅ ମଧ୍ୟ ପକାଇପାରନ୍ତି । ଏହା ପରେ କ୍ଷିରୀ ଭଲ ଭାବେ ପ୍ରସ୍ତୁତ ହୋଇଗଲେ ଆଞ୍ଚ ବନ୍ଦ କରିଦିଅନ୍ତୁ । ପରେ ଥଣ୍ଡା ହେବା ପରେ ଏହାକୁ ପ୍ଲେଟରେ ବାଢ଼ି ଏହାର ଅଦ୍ଭୁତ ସ୍ୱାଦ ନିଅନ୍ତୁ । ଯାହା ଆପଣଙ୍କୁ ଏକ ସୁନ୍ଦର ସ୍ୱାଦିଷ୍ଟ ଖାଦ୍ୟର ମହକ ଦେବ । ଏହାକୁ ଥରେ ନିଜେ ଖାଇ ପରିବାରର ଲୋକମାନଙ୍କୁ ପରଷନ୍ତୁ , ଦେଖିବେ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଆପଣଙ୍କର ଫ୍ୟାନ୍ ହୋଇଯିବେ।

# ଖରାଦିନେ ପିଲାମାନଙ୍କୁ ଏହି ଖାଦ୍ୟ ଦିଅନ୍ତୁ ନାହିଁ : ବଢ଼ିପାରେ ପେଟ ସମସ୍ୟା

ସାଧାରଣତଃ ଖରାଦିନେ ପିଲାମାନଙ୍କ ଶରୀର ଡିହାଇଡ୍ରେଟ୍ ହେବାକୁ ଲାଗିଥାଏ । ଶରୀରରେ ଜଳୀୟ ଅଂଶ କମ ହେବା କାରଣରୁ ଦେହ ଖରାପ ହୋଇଥାଏ । ଖରାପ ଖାଦ୍ୟର ଅଭ୍ୟାସ ହେତୁ ପେଟ ସମସ୍ୟା ଦେଖାଯାଇଥାଏ । ତେଣୁ ପିଲାମାନଙ୍କୁ ଏହି ସବୁ ଖାଦ୍ୟ ଦେବାରୁ ଦୂରେଇ ରୁହନ୍ତୁ । ଗ୍ରୀଷ୍ମଋତୁ ପିଲାମାନଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ସେମାନଙ୍କ ପ୍ରତି ଯଦି ସଠିକ୍ ଧ୍ୟାନ ଦିଆନଯାଏ ତେବେ ପେଟ ସମସ୍ୟା ଅଧିକ ଦେଖାଦେବାର ସମ୍ଭାବନା ରହିଛି । ବାପାମାଆ ମାନେ ଆଜିକାଲି ପିଲାମାନଙ୍କୁ ଏପରି ଖାଦ୍ୟ ଦେଉଛନ୍ତି ଯେ ଯାହା ସେମାନଙ୍କ ଦେହକୁ ଅଧିକ କ୍ଷତି ପହଞ୍ଚାଇଥାଏ । ତେଣୁ ପିଲାମାନଙ୍କୁ ଖାଦ୍ୟ ଦେବା କ୍ଷେତ୍ରରେ ବିଶେଷ ଯତ୍ନବାନ ହୁଅନ୍ତୁ । ତେବେ ଆସନ୍ତୁ ଜାଣିବା ଖରାଦିନେ ପିଲାମାନଙ୍କୁ କେଉଁ ଖାଦ୍ୟ ଦେବାରୁ ଦୂରେଇ ରହିବା ଉଚିତ୍ ।

ଆଇସକ୍ରିମ୍ – ଅଧିକାଂଶ ସମୟରେ ପିଲାମାନଙ୍କୁ ଖରାଦିନେ ଆଇସକ୍ରିମ୍ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । ଯେହେତୁ ଆଇସକ୍ରିମ୍ ପାଟିକୁ ଭଲ ଲାଗିଥାଏ , ପିଲାମାନେ ଖାଇବା ପାଇଁ ଅଧିକ ପସନ୍ଦ କରିଥାନ୍ତି । ଯେହେତୁ ଆଇସକ୍ରିମ ଥଣ୍ଡା ଜାତୀୟ ଜିନିଷ ସେଥିପାଇଁ ସଂକ୍ରମଣ ଅଧିକ ମାତ୍ରାରେ ବଢ଼ିଥାଏ । ତେଣୁ ଖରାଦିନେ ପିଲାମାନଙ୍କୁ ଆଇସକ୍ରିମ୍ ଖାଇବାକୁ ଦେବାରୁ ଦୂରେଇ ରୁହନ୍ତୁ । ଏହା ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ ।

ଥଣ୍ଡା ପାନୀୟ ଏବଂ ସୋଡ଼ା – ପିଲାମାନଙ୍କୁ ଥଣ୍ଡା ପାନୀୟ ଏବଂ ସୋଡ଼ା ଦେବାଠାରୁ ଦୂରେଇ ରୁହନ୍ତୁ । ଅଧିକ ଥଣ୍ଡା ଜାତୀୟ ପାନୀୟ ସେବନ କଲେ ଦେହ ଖରାପ ହୋଇଥାଏ । ଏହା ପିଲାମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ବିକଳ୍ପ ହୋଇଥାଏ ।

ତେଲ ଜାତୀୟ ଜିନିଷ – ପିଲାମାନଙ୍କୁ ଭଜା ଚିପ୍ସ ଅର୍ଥାତ୍ ତେଲ ଜାତୀୟ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଯାହା ପେଟର ଗ୍ୟାସ୍ ସମସ୍ୟାକୁ ବୃଦ୍ଧି କରିଥାଏ ।

ଅଧିକ ମସଲା ଜାତୀୟ ଖାଦ୍ୟ – ଅତ୍ୟଧିକ ମସଲା ଜାତୀୟ ଖାଦ୍ୟ ଦେହ ଖରାପର ମୁଖ୍ୟ କାରଣ ହୋଇଥାଏ । ତେଣୁ ପିଲାମାନଙ୍କୁ ଅତ୍ୟଧିକ ମସଲା ଜାତୀୟ ଖାଦ୍ୟ ଦିଅନ୍ତୁ ନାହିଁ । ଯେତେ ସମ୍ଭବ ନିଜ ହାତ ତିଆରି କମ୍ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

ବାସି ଖାଦ୍ୟ – ଯଦି ଖାଦ୍ୟ ଅଧିକ ଲୋଭଯୁକ୍ତ ହୋଇଥାଏ ତେବେ ଆମେ ତାକୁ ରାତିରେ ରଖି ସକାଳେ ଖାଇବା ପାଇଁ ଇଚ୍ଛା ପ୍ରକାଶ କରିଥାଉ । ବାସିଖାଦ୍ୟ ଖାଇବା ଦ୍ୱାରା ପେଟ ବିଷାକ୍ତ ହେବାର ସମ୍ଭାବନା ରହିଥାଏ ।

ପ୍ୟାକେଟ୍ ଜୁସ୍ – ବଜାରରେ ବିକ୍ରି ହେଉଥିବା ପ୍ୟାକେଟ୍ ଜୁସରେ ଫଳର ଜୁସ୍ କମ୍ ମାତ୍ରାରେ ରହିଥାଏ । ତେଣୁ ପିଲାମାନଙ୍କୁ ପ୍ୟାକେଟ୍ ଜୁସ୍ ଆଦୌ ଦିଅନ୍ତୁ ନାହିଁ । ଏହା ପିଲାମାନଙ୍କ ଶରୀରରେ ନକରାତ୍ମକ ପ୍ରଭାବ ପକାଇଥାଏ ।

ଫାଷ୍ଟ ଫୁଡ୍ – ସାଧାରଣତଃ ପିଜା , ବର୍ଗର ଏବଂ ନୁଡୁଲ୍ସ ପିଲାମାନେ ଅଧିକ ପସନ୍ଦ କରିଥାନ୍ତି । ତେଣୁ ଏବି ସବୁ ଜିନିଷ ଖାଇବାକୁ ଅଧିକ ପସନ୍ଦ ମଧ୍ୟ କରନ୍ତି । ଏହି ଖାଦ୍ୟ ପଦାର୍ଥଠାରୁ ପିଲାମାନଙ୍କୁ ଦୂରେଇ ରଖନ୍ତୁ । ଯାହାଦ୍ୱାରା ପିଲାମାନଙ୍କ ଶରୀର ଅଧିକ ସୁସ୍ଥ ରହିବ ।


ଅଧିକ ମିଠା ଜାତୀୟ ଖାଦ୍ୟ – ଅଧିକ ଚକୋଲେଟ୍ ଖାଇବା ଦ୍ୱାରା ଅଧିକ ଅଳସୁଆ ଏବଂ ଜଳୀୟଅଂଶ ହୀନ ହୋଇଥାଆନ୍ତି । ମିଠା ଜାତୀୟ ଖାଦ୍ୟ ଦେବାଠାରୁ ଦୂରେଇ ରୁହନ୍ତୁ । ଏଥିରେ ପିଲାମାନଙ୍କ ଭୋକ ମଧ୍ୟ କମ୍ ହୋଇଥାଏ ।



ପିଲାମାନଙ୍କୁ କଣ ଖାଇବାକୁ ଦେବା ଉଚିତ୍ –
ଖରାଦିନେ ପିଲାଙ୍କୁ ତରଭୂଜ , କାକୁଡ଼ି , ଦହି , ନଡ଼ିଆ ପାଣି , ବଟର ମିଲ୍କ ଦେବା ଭଲ । ଘର ଖାଦ୍ୟ ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ଯେଉଁଥିରେ ତାଙ୍କ ଶରୀର ଅଧିକ ସୁସ୍ଥ ରହିପାରିବ । ଖରା ଗରମରେ ପିଲାଙ୍କୁ ଏହି ସବୁ ଖାଦ୍ୟ ଦେଇ ସୁସ୍ଥ ରହିବା ସହ ନିଜେ ମଧ୍ୟ ସୁସ୍ଥ ରୁହନ୍ତୁ ।

# ପ୍ରତିଦିନ ସଫା କରୁଛନ୍ତି କି କାନ ? ହୋଇପାରେ ବଡ଼ ଅସୁବିଧା

କାନର ମଇଳା ବା 'ଇୟରୱାକ୍ସ'କୁ ଆମେ ସାଧାରଣତଃ ଅଦରକାରୀ ମଇଳା ବୋଲି ଭାବିଥାଉ। ସେଥିପାଇଁ ଅନେକ ଲୋକ ପ୍ରତିଦିନ କିମ୍ବା ସପ୍ତାହକୁ ଥରେ କଟନ୍ ସ୍ୱାବ୍ ବା ଇୟରବଡ଼ସ୍ ସାହାଯ୍ୟରେ କାନ ସଫା କରିଥାନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଯେଉଁ ଇୟରୱାକ୍ସକୁ ଆମେ ବାହାର କରିବାକୁ ଚେଷ୍ଟା କରୁଛୁ, ତାହା ପ୍ରକୃତରେ ଆମ କାନର ସୁରକ୍ଷା କବଚ । ଇୟରୱାକ୍ସ କୌଣସି ବାହାର ଅଳିଆ ନୁହେଁ, ବରଂ ଏହା ଶରୀରର ଏକ ପ୍ରାକୃତିକ ନିର୍ଗତ ପଦାର୍ଥ । ଏହା କାନ ଭିତରର ସୂକ୍ଷ୍ମ ଚର୍ମକୁ ମଷ୍ଚରାଇଜ୍ କରିବା ସହ ଧୂଳି, ମଇଳା ଏବଂ ବ୍ୟାକ୍ଟେରିଆକୁ ଭିତରକୁ ଯିବାରୁ ରୋକିଥାଏ । ହାର୍ଭାର୍ଡ ହେଲଥ୍ ପବ୍ଲିଶିଂ ଅନୁଯାୟୀ, ଏହା କାନର ଏକ 'ନ୍ୟାଚୁରାଲ କ୍ଲିନର' ଭାବରେ କାମ କରେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆମେ କଥା କହିବା କିମ୍ବା ଖାଦ୍ୟ ଚୋବାଇବା ସମୟରେ କାନର ମଇଳା ପ୍ରାକୃତିକ ଭାବରେ ନିଜେ ନିଜେ ବାହାରକୁ ଚାଲିଆସିଥାଏ ।ଆମେରିକାନ୍ ଏକାଡେମୀ ଅଫ୍ ଓଟୋଲାରିଙ୍ଗୋଲୋଜି ଅନୁଯାୟୀ, କାନ ଭିତରେ କୌଣସି ବାହାର ଜିନିଷ ପୁରାଇବା ଅନୁଚିତ୍ । ବରିଷ୍ଠ ଇଏନଟି ବିଶେଷଜ୍ଞ ଡାକ୍ତର ଅମିତ ଶର୍ମା କୁହନ୍ତି, 'ଯେତେବେଳେ ଆମେ ଇୟରବଡ଼ସ୍ ବ୍ୟବହାର କରୁ, ତାହା ମଇଳାକୁ ବାହାର କରିବା ପରିବର୍ତ୍ତେ ଆହୁରି ଭିତରକୁ ଠେଲି ଦିଏ ।



ଏହା ଦ୍ୱାରା କାନର ପରଦା ଫାଟିଯିବାର ଆଶଙ୍କା ଥାଏ ଏବଂ ଶୁଣିବା ଶକ୍ତି ହ୍ରାସ ପାଇପାରେ।' ଲଗାତାର ଇୟରବଡ଼ ବ୍ୟବହାର କରିବା ଦ୍ୱାରା କାନରେ ସଂକ୍ରମଣ ହୋଇପାରେ, ଯାହାକୁ 'ଓଟାଇଟିସ ଏକ୍ସଟର୍ନା' କୁହାଯାଏ । ଏହା ବ୍ୟତୀତ କାନରେ ଫଙ୍ଗଲ୍ ଇନଫେକ୍ସନ ହେବାର ଭୟ ମଧ୍ୟ ରହିଥାଏ ।ଯଦିଓ ଇୟରୱାକ୍ସ ଲାଭଦାୟକ, କିନ୍ତୁ କେତେକ କ୍ଷେତ୍ରରେ ଏହା କାନ ଭିତରେ ଜମା ହୋଇ ରହିଯାଏ, ଯାହାକୁ 'ଇମ୍ପାକସନ' କୁହାଯାଏ । ଏହା ହେଲେ କାନରେ ଯନ୍ତ୍ରଣା, ଭାରୀ ଅନୁଭବ ହେବା, କାନରେ ଘଣ୍ଟି ବାଜିବା ଭଳି ଶବ୍ଦ ଶୁଣାଯିବା କିମ୍ବା ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦିଏ ।

# ଥାଲାସେମିଆକୁ ରୋକିବ ସଚେତନତା: ବିଶ୍ୱର ୨୫ ପ୍ରତିଶତ ଥାଲାସେମିଆ ରୋଗୀ




ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତରେ ଥାଲାସେମିଆ ପୀଡ଼ିତଙ୍କ ସଂଖ୍ୟା ଅଧିକ। ଆକଳନରୁ ଜଣାପଡ଼ିଛି ଯେ, ଆମ ଦେଶରେ ବିଶ୍ୱର ୨୫ ପ୍ରତିଶତ ଥାଲାସେମିଆ ରୋଗୀ ଅଛନ୍ତି ଓ ଏଥିରୁ ପ୍ରାୟ ୫ କୋଟି ଲୋକ ବିଟା ଥାଲାସେମିଆରେ ଆକ୍ରାନ୍ତ। ସେହିପରି ପ୍ରତିବର୍ଷ ଏଠାରେ ୧୦ରୁ ୧୫ ହଜାର ନୂଆ ଥାଲାସେମିଆ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ପଂଜାବ ଓ ଗୁଜରାଟ ଭଳି ରାଜ୍ୟରେ ଅଧିକ ଥାଲାସେମିଆ ପୀଡ଼ିତ ବାହାରୁଛନ୍ତି। ଥାଲାସେମିଆ ମେଜର ରୋଗରେ ପୀଡ଼ିତମାନଙ୍କୁ ଆଜୀବନ ପ୍ରତି ୧୫ରୁ ୨୦ ଦିନ ମଧ୍ୟରେ ରକ୍ତ ପରିବର୍ତ୍ତନ ଓ ଆଇରନ୍ କିଲେସନ୍ ଚିକିତ୍ସା କରାଇବାକୁ ପଡ଼ିଥାଏ। ଏଥିପାଇଁ ବର୍ଷକୁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଥାଲାସେମିଆରୁ ଆରୋଗ୍ୟ ହେବାର ଏକମାତ୍ର ଉପାୟ ହେଉଛି ଅସ୍ଥିମଜ୍ଜା ପ୍ରତିରୋପଣ। ଏହା ଅତ୍ୟନ୍ତ ବ୍ୟୟବହୁଳ ଏବଂ ଦାତାଙ୍କ ଅସ୍ଥିମଜ୍ଜା, ଗ୍ରହୀତାଙ୍କ ଅସ୍ଥିମଜ୍ଜା ସହ ମେଳ ଖାଇବା ମଧ୍ୟ ଜରୁରି। ଥାଲାସେମିଆ ଭଳି ରକ୍ତ ବିକୃତି ଉପଶମ ଲାଗି କେନ୍ଦ୍ର ସରକାର 'ନ୍ୟାସ୍‌ନାଲ୍ ପ୍ରୋଗ୍ରାମ୍ ଫର କଣ୍ଟ୍ରୋଲ୍ ଅଫ୍ ବ୍ଲଡ୍ ଡିଜ୍‌ଅର୍ଡର୍ସ' ଗଠନ କରିଛନ୍ତି। ଏହା ଜନ ସଚେତନତା କାର୍ଯ୍ୟକ୍ରମ, ନିଦାନ ଓ ରକ୍ତ ପରିବର୍ତ୍ତନ ସେବା ପ୍ରଦାନ କରେ। ହେଲେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଏହାଛଡ଼ା, ଗୁଜରାଟ ଭଳି କେତେକ ରାଜ୍ୟ ମଧ୍ୟ ରାଜ୍ୟସ୍ତରୀୟ ଥାଲାସେମିଆ ସ୍କ୍ରିନିଂ କରୁଛନ୍ତି। ଭାରତୀୟ ଗବେଷକମାନେ ଥାଲାସେମିଆ ଉପରେ ଗବେଷଣା ଜାରି ରଖିଛନ୍ତି। ଜେନେଟିକ୍ ସ୍କ୍ରିନିଂ ପଦ୍ଧତି ଓ ଥାଲାସେମିଆ ବାହକ ଚିହ୍ନଟ କରିବାରେ ଏହା କିଭଳି ଫଳପ୍ରଦ ହେଉଛି, ତା' ଉପରେ ମଧ୍ୟ ସେମାନେ ପରୀକ୍ଷା ଚଳାଇଛନ୍ତି। ସେହିପରି କେତେକ ସ୍ଥାନରେ ଥାଲାସେମିଆ ଆକ୍ରାନ୍ତ ପିଲାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଉଛି। ଥାଲାସେମିଆ ପାଇଁ ଦାୟୀ ପରିବର୍ତ୍ତିତ ଗୁଣସୂତ୍ର ସଂଶୋଧନ ଲାଗି ସିଆରଆଇଏସ୍‌ପିଆର/କ୍ୟାସ୍୯ ଭଳି ଜିନ୍-ଏଡିଟିଂ କୌଶଳ ଉପରେ ଏବେ ବିଶ୍ୱବ୍ୟାପୀ ଧ୍ୟାନ ଦିଆଯାଉଛି। ଏହି କ୍ରମରେ ଭାରତୀୟ ବୈଜ୍ଞାନିକମାନେ ଥାଲାସେମିଆ ନିରାକରଣ ପାଇଁ ଜିନ୍ ଥେରାପି ଉପରେ ଗବେଷଣା କରୁଛନ୍ତି। ସେହିପରି ଷ୍ଟେମ୍ ସେଲ୍ ପ୍ରତିରୋପଣ ଓ ରକ୍ତ ପରିବର୍ତ୍ତନ ଅବଧି ବୃଦ୍ଧି କରିବାକୁ ନୂଆ ଔଷଧ ପ୍ରସ୍ତୁତି ଦିଗରେ ବୈଜ୍ଞାନିକମାନେ ପରୀକ୍ଷା ନିରୀକ୍ଷା କରୁଛନ୍ତି। ଥାଲାସେମିଆ ନିରାକରଣ ପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷଜ୍ଞମାନେ ଜୋର ଦିଅନ୍ତି। ସେସବୁ ହେଉଛି- ଅନ୍ତଃସତ୍ତ୍ୱା ହେବାର ତିନି ମାସ ମଧ୍ୟରେ ମହିଳାମାନଙ୍କର ଏଚ୍‌ବିଏ୨ ପରୀକ୍ଷା ବାଧ୍ୟତାମୂଳକ କରିବା ଓ ସରକାରଙ୍କ ପକ୍ଷରୁ ଆଣ୍ଟିନାଟାଲ୍ ସ୍କ୍ରିନିଂ ପାଇଁ ସମସ୍ତ ଡାକ୍ତରଖାନାକୁ ନିର୍ଦ୍ଦେଶ ଦେବା। ସେହିପରି ଥାଲାସେମିଆ ସୃଷ୍ଟିକାରୀ ଜିନ୍ ବା ଏହାର ବାହକ ଚିହ୍ନଟ ପାଇଁ ସ୍କୁଲ୍‌ରେ ଓ ସାହି/ବସ୍ତିରେ ସ୍କ୍ରିନିଂ କାର୍ଯ୍ୟକ୍ରମ ଆବଶ୍ୟକ। ତା'ଛଡ଼ା ଥାଲାସେମିଆ ବାହକ ପୁଅଝିଅଙ୍କ ମଧ୍ୟରେ ବିବାହ ସଂଖ୍ୟା ହ୍ରାସ ଲାଗି ଜେନେଟିକ୍ କାଉନ୍‌ସେଲିଂ ଜରୁରି। ଦେଶରୁ ଥାଲାସେମିଆ ମୂଳପୋଛ କରିବାକୁ ସବୁ ଦିଗରୁ ମିଳିତ ପ୍ରଚେଷ୍ଟା ଦରକାର। ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା, ଜିନ୍ ଓ ଷ୍ଟେମ୍‌ସେଲ୍ ଥେରାପି ସହ ସରକାରୀ ପ୍ରୋତ୍ସାହନ ହିଁ ଥାଲାସେମିଆ ବୋଝ କିଛିଟା କମାଇପାରେ। ଲୋକେ ସଚେତନ ହେଲେ ବିଶ୍ୱରୁ ଥାଲାସେମିଆ ନିଶ୍ଚିହ୍ନ କରାଯାଇ ପାରିବ। ପ୍ରଥମ ଥାଲାସେମିଆ ମୁକ୍ତ ଦେଶ ଭାବେ ସାଇପ୍ରସ୍ ଓ ଅନ୍ୟ କେତେକ ଦେଶ ଏକଥା ପ୍ରମାଣିତ କରିସାରିଛନ୍ତି।




ପୁରୁଷ ଓ ମହିଳାଙ୍କ କଣ୍ଠସ୍ୱରରେ ଫରକ ରହିଛି । ପୁରୁଷଙ୍କ ସ୍ୱର ଭାରୀ ହୋଇଥିବାବେଳେ ମହିଳାଙ୍କ ସ୍ୱର ପବବତଳା ହୋଇଥାଏ । କିନ୍ତୁ କିଛି ପୁରୁଷଙ୍କ ସ୍ୱର ବି ଝିଅଙ୍କ ଭଳି ପତଳା ହୋଇଥାଏ , ଯେଉଁଥିପାଁ ସେମାନଙ୍କୁ ଆେନକ ଥଟ୍ଟା ଟାପରାର ଶିକାର ହେବାକୁ ପଡ଼ିଥାଏ । କିନ୍ତୁ ଜାଣନ୍ତି କି ଏଭଳି ପୁରୁଷଙ୍କଠାରେ ,ଭଳି ପତଳା ସ୍ୱର ହେବାର କାରଣ କ'କ୍ଷଣ ? ଲିଭର ସ୍ପେଶାଲିଷ୍ଟ ଡା. ଶିବ କୁମାର ସରିନ ନିଜ ବହିରେ ଏ ବାବଦରେ ବିସ୍ତୃତ ଭାବେ ଲେଖିଛନ୍ତି ଏବଂ ଏହାକୁ ଠିକ୍ କରିବାର ଉପାୟ ବି ଲେଖିଛନ୍ତି ।

ଡାକ୍ତରଙ୍କ କହିଛନ୍ତି ତାଙ୍କ ପାଖକୁ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଆସଇଥିଲେ ତାଙ୍କ ସହ ଥିଲେ ତାଙ୍କର ୧୮ ର୍ଷର ପୁଅ । ଦେଖିବାକୁ ମୋଟା କିନ୍ତୁ ସ୍ୱର କି ଶାରୀରିକ ଲକ୍ଷଣ ସବୁ ପିଲାଙ୍କ ପରି । ଯେତେବେଳେ କଥା କହିବା ଆରମ୍ଭ କରିଥିଲେ ଡାକ୍ତର ଆଶ୍ଚର୍ଯ୍ୟ ହୋଇଥିଲେ । ଏପରି କାହିଁକି ବୋଲି କାରଣ ଜାଣିବାକୁ ଇଚ୍ଛା କରିଥିଲେ । ୧୮ ବର୍ଷ ହେବା ପରେ ବି ଅମରେନ୍ଦ୍ରଙ୍କ କଣ୍ଠ ଝିଅଙ୍କ ଭଳି ପତଳା ଥିଲା । ତାଙ୍କ ଠାରେ ସ୍ପଷ୍ଟ ସଙ୍କେତ ଥିଲା ଯେ, ଅମରେନ୍ଦ୍ରଙ୍କଠାରେ "Secondary Sexual Characters"ର ଗ୍ରୋଥ୍ ଠିକ୍ ସମୟରେ ହୋଇପାରିନାହିଁ । ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଲା, ଅମରେନ୍ଦ୍ରଙ୍କର BMI୩୭ ଥିଲା ଏବଂ ସେ ଗ୍ରେଡ୍ -୨ ଫ୍ୟାଟି ଲିଭରରେ ପୀଡ଼ିତ ଥିଲେ । ତାଙ୍କର ସିରମ୍ ଟେଷ୍ଟୋଷ୍ଟେରନ୍ ସ୍ତର ଯାଞ୍ଚ ପରେ ଜଣାପଡ଼ିଲା, ପୁରୁଷଙ୍କଠାରେ ଏହା ୨୭୦-୧୦୭୦ଭଣ/ଉଖ ରହୁଥିବାବେଳେ ଅମରେନ୍ଦ୍ରଙ୍କଠାରେ ଏହା କେବଳ ୯୨ ଭଲ/ୟକ୍ଷ ଥିଲା।

ବିଜ୍ଞାନ ଅନୁଷାରେ, ପୁରୁଷଙ୍କ ସ୍ୱରର ଗାମ୍ଭୀର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଟେଷ୍ଟୋଷ୍ଟେରନ୍ ହରମୋନ୍ ଉପରେ ନିର୍ଭର କରେ । କିଶୋର ଅବସ୍ଥାରେ ଏହି ହରମୋନ୍ ସ୍ୱରନଳୀ ବା ଭଏସ୍ ବକ୍ସକୁ ବିସ୍ତାର କରି ଭୋକାଲ୍ କର୍ଡସ୍କୁ ମୋଟା କରିଦିଏ । ଫଳରେ କିଶୋର ଅବସ୍ଥାରେ ପୁରୁଷଙ୍କ ସ୍ୱରରେ ପରିବର୍ତ୍ତନ ତଥା ଭାରୀପଣ ଆସିଥାଏ । କିନ୍ତୁ ଯଦି ପୁରୁଷଙ୍କଠାରେ ମେଦବହୁଳତା ଆସେ ତାହେଲେ ଶରୀରରେ ଟେଷ୍ଟୋଷ୍ଟେରନ୍ ସ୍ତର କମିଯାଏ ଏବଂ ପୁରୁଷଙ୍କ ସ୍ୱର ଝିଅଙ୍କ ପତଳା ହୋଇଯାଏ ।

ଏ ସମସ୍ୟାର ସମାଧାନ କ'ଣ ? ମେଡିକାଲ ସାଇନ୍ସ ଅନୁସାରେ ଏହାର ପ୍ରଭାବୀ ଚିକିତ୍ସା ଔଷଧ ଅପେକ୍ଷା ଜୀବନ ଶୈଳୀ ବଦଳାଇବା ଉପରେ ନିର୍ଭର କରେ । ରିସର୍ଚ୍ଚ କହୁଛି , ଶରୀରର ଓଜନ ୫ରୁ ୧୦ ପ୍ରତିଶତ ଓଜନ କଲେ ଏରୋମାଟେଜ୍ ଏଞ୍ଜାଇମ୍ର ପ୍ରଭାବ କମିଯାଏ ଏବଂ ଟେଷ୍ଟୋଷ୍ଟେରନ୍ ସ୍ତର ସୁଧାରିବାରେ ସାହାଯ୍ୟ କରେ । ତେଣୁ ଶାରୀରିକ ପରିଶ୍ରମ ସହ ବ୍ୟାୟାମ କରି ନିଜ ଓଜନକୁ ଠିକ୍ ରଖନ୍ତୁ ଏବଂ ନିଜ ସ୍ୱରକୁ ବି ଠିକ୍ ରଖନ୍ତୁ ।

# କମୁଥିବା ଅପରାଧର ଭ୍ରମ ଏବଂ ବଢୁଥିବା ସାଇବର ଜାଲିଆତି

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ପକ୍ଷରୁ ପ୍ରକାଶିତ ସଦ୍ୟତମ 'ଭାରତରେ ଅପରାଧ ୨୦୨୪' ରିପୋର୍ଟ ଦେଶର ଆଇନଶୃଙ୍ଖଳା, ସାମାଜିକ ସ୍ଥିତି ଏବଂ ବଦଳୁଥିବା ଅପରାଧିକ ପ୍ରବୃତ୍ତିର ଏକ ବିସ୍ତୃତ ଚିତ୍ର ପ୍ରଦାନ କରିଛି । ଏହି ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ସମଗ୍ର ଦେଶରେ ମୋଟ ଅପରାଧିକ ମାମଲା ସଂଖ୍ୟାରେ ୬ ପ୍ରତିଶତ ହ୍ରାସ ଘଟିଛି । ୨୦୨୩ ମସିହାରେ ଯେଉଁଠାରେ ଦେଶରେ ୬୨.୪୧ ଲକ୍ଷ ମାମଲା ରୁଜୁ ହୋଇଥିଲା, ୨୦୨୪ରେ ତାହା ୫୮.୮୫ ଲକ୍ଷକୁ ଖସି ଆସିଛି । ସେହିପରି ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ଅପରାଧ ହାର ମଧ୍ୟ ୪୪୮.୩ ରୁ କମି ୪୧୮.୯ ରେ ପହଞ୍ଚିଛି । ଉପରଠାଉରିଆ ଭାବେ ଦେଖିଲେ ଏହି ପରିସଂଖ୍ୟାନ ଦେଶ ପାଇଁ ଏକ ଆଶ୍ୱସ୍ତିକର ଖବର ଭଳି ମନେହୁଏ ଏବଂ ଏହା ସୂଚାଇ ଦେଉଛି ଯେ ଦେଶରେ ଅପରାଧ କମୁଛି ତଥା ଆଇନଶୃଙ୍ଖଳା ପରିସ୍ଥିତିରେ ଆଖିଦୃଶିଆ ଉନ୍ନତି ଆସୁଛି । କିନ୍ତୁ ଏହି ପରିସଂଖ୍ୟାନର ବିଶ୍ଳେଷଣ କଲେ ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଜଟିଳ ବାସ୍ତବତା ପଦାକୁ ଆସେ । ଅପରାଧ ହାରରେ ଦେଖାଦେଇଥିବା ଏହି ହ୍ରାସ ପ୍ରକୃତରେ ସମାଜରେ ଅପରାଧ କମିବାର ସିଧାସଳଖ ପ୍ରତିଫଳନ ନୁହେଁ, ବରଂ ଏହା ମୁଖ୍ୟତଃ ଆଇନଗତ ଏବଂ ଅପରାଧର ବର୍ଗୀକରଣରେ ହୋଇଥିବା ପରିବର୍ତ୍ତନର ଏକ ବୈଷୟିକ ପରିଣାମ ମାତ୍ର । ଏଥିସହିତ, ପାରମ୍ପରିକ ଅପରାଧ କମିଥିବା ଦର୍ଶାଯାଉଥିବା ବେଳେ ସାଇବର ଅପରାଧ, ଅର୍ଥନୈତିକ ଠକେଇ ଏବଂ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନାରେ ଉଦ୍‌ବେଗଜନକ ବୃଦ୍ଧି ଘଟିଛି, ଯାହାକି ପୋଲିସ ପ୍ରଶାସନ ଓ ସରକାରଙ୍କ ପାଇଁ ଏକ ନୂତନ ଆହ୍ୱାନ ସୃଷ୍ଟି କରିଛି ।

ଅପରାଧ ହାରରେ ଦେଖାଦେଇଥିବା ଏହି ୬ ପ୍ରତିଶତ ହ୍ରାସର ମୁଖ୍ୟ କାରଣ ହେଉଛି ବ୍ରିଟିଶ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ବଦଳରେ ନୂତନ 'ଭାରତୀୟ ନ୍ୟାୟ ସଂହିତା' (ବିଏନଏସ)ର ପ୍ରଚଳନ । ଏନସିଆରବି ନିଜେ ସ୍ୱୀକାର କରିଛି ଯେ ଶାରୀରିକ ଆଘାତ ବା 'ହର୍ଟ' ଶ୍ରେଣୀଭୁକ୍ତ ମାମଲାଗୁଡ଼ିକରେ ୩୦.୫୮ ପ୍ରତିଶତର ଏକ ବଡ଼ ଧରଣର ହ୍ରାସ ଘଟିଛି । ୨୦୨୩ରେ ଏହି ବର୍ଗରେ ୬.୩୬ ଲକ୍ଷ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ତାହା ୪.୪୧ ଲକ୍ଷକୁ ଖସି ଆସିଛି । ଏହାର ପ୍ରକୃତ କାରଣ ହେଉଛି ନୂତନ ବିଏନଏସ ଆଇନରେ ହୋଇଥିବା ବ୍ୟବସ୍ଥାଗତ ସଂଶୋଧନ। ପୂର୍ବରୁ ଆଇପିସିର ବିଭିନ୍ନ ଧାରା ଯେପରିକି ୩୨୫, ୩୨୬ ଏବଂ ୩୨୯ ରୁ ୩୩୫ ଅଧୀନରେ ସାଧାରଣ ଆଘାତ (ସିମ୍ପଲ ହର୍ଟ) ମାମଲାଗୁଡ଼ିକୁ ପୋଲିସ ସିଧାସଳଖ ଧର୍ତ୍ତବ୍ୟ ଅପରାଧ ଭାବେ ପଞ୍ଜିକରଣ କରୁଥିଲା । କିନ୍ତୁ ନୂଆ ଆଇନରେ ଏହି ସାଧାରଣ ଆଘାତ ମାମଲାଗୁଡ଼ିକୁ 'ଅଣ-ଧର୍ତ୍ତବ୍ୟ' (ନନ୍‌-କଗ୍ନିଜେବଲ୍) ଅପରାଧ ଭାବରେ ବର୍ଗୀକରଣ କରାଯାଇଛି । ଫଳସ୍ୱରୂପ, ଏହି ମାମଲାଗୁଡ଼ିକ ଆଉ ପୋଲିସର ନିୟମିତ ଏଫଆଇଆର ପଞ୍ଜିକରଣ ତଥ୍ୟରେ ସ୍ଥାନ ପାଉନାହିଁ । ତେଣୁ, କାଗଜପତ୍ରରେ ଅପରାଧର ସଂଖ୍ୟା କମିଥିବା ଦେଖାଯାଉଥିଲେ ମଧ୍ୟ, ବାସ୍ତବରେ ରାସ୍ତାଘାଟ ବା ପଡ଼ୋଶୀଙ୍କ ମଧ୍ୟରେ ହେଉଥିବା ଛୋଟମୋଟ ମାରପିଟ୍ ବା ଆକ୍ରମଣ ଘଟଣା ସମାଜରେ କମିଯାଇଛି ବୋଲି ଭାବିବା ଏକ ଭ୍ରମ ଧାରଣା । ଏହା କେବଳ ଏକ ଆଇନଗତ ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୋଇଥିବା ଏକ ପରିସଂଖ୍ୟାନଗତ ମାୟା । ଏହି ପରିପ୍ରେକ୍ଷୀରେ, ସରକାର କିମ୍ବା ଆଇନ ପ୍ରଣୟନକାରୀ ସଂସ୍ଥାମାନେ କେବଳ ମୋଟ ଅପରାଧ ସଂଖ୍ୟା କମିଯାଇଛି ବୋଲି ଆତ୍ମସନ୍ତୋଷ ଲାଭ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ ।

ଏହି ରିପୋର୍ଟର ସବୁଠାରୁ ଚିନ୍ତାଜନକ ଦିଗଟି ହେଉଛି ଡିଜିଟାଲ ବା ସାଇବର ଅପରାଧର ଦ୍ରୁତ ତଥା ଅବିରତ ବୃଦ୍ଧି । ଯେତେବେଳେ ଦେଶ ଡିଜିଟାଲ ଇଣ୍ଡିଆ ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି ଏବଂ ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହୋଇପଡିଛି, ସେତେବେଳେ ଅପରାଧୀମାନେ ମଧ୍ୟ ନିଜର ପାରମ୍ପରିକ ଉପାୟ ବଦଳାଇ ଟେକ୍ନୋଲୋଜିର ଆଶ୍ରୟ ନେଉଛନ୍ତି । ୨୦୨୪ ମସିହାରେ ସାଇବର ଅପରାଧ କ୍ଷେତ୍ରରେ ୧୭.୯ ପ୍ରତିଶତ ବୃଦ୍ଧି ଘଟିଛି ଏବଂ ମୋଟ ମାମଲା ସଂଖ୍ୟା ୧.୦୧ ଲକ୍ଷ ଅତିକ୍ରମ କରିଛି । ୨୦୨୨ରେ ଏହି ସଂଖ୍ୟା ୬୫,୮୯୩ ଥିବାବେଳେ ୨୦୨୩ରେ ତାହା ୮୬,୪୨୦ ଥିଲା । ଏହି କ୍ରମାଗତ ତଥା ଲମ୍ଫ ପ୍ରଦାନକାରୀ ବୃଦ୍ଧି ପ୍ରମାଣ କରୁଛି ଯେ ଆମର ସାଇବର ସୁରକ୍ଷା ବ୍ୟବସ୍ଥା ବର୍ତ୍ତମାନର ଆବଶ୍ୟକତା ତୁଳନାରେ ଅତ୍ୟନ୍ତ ଦୁର୍ବଳ ରହିଛି । ପଞ୍ଜିକୃତ ହୋଇଥିବା ସାଇବର ମାମଲା ମଧ୍ୟରୁ ପ୍ରାୟ ୭୨.୬ ପ୍ରତିଶତ ଅର୍ଥାତ୍ ୭୩,୯୮୭ ମାମଲା କେବଳ ଆର୍ଥିକ ଠକେଇ ଉଦ୍ଦେଶ୍ୟରେ କରାଯାଇଛି । ସାଧାରଣ ଲୋକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଲୁଟିବା, ନକଲି ଲିଙ୍କ୍ ପଠାଇ ଗୋପନୀୟ ତଥ୍ୟ ହାସଲ କରିବା ଏବଂ ଅନଲାଇନ୍ ସପିଂ ନାମରେ ଠକିବା ଭଳି ଘଟଣା ଏବେ ନିତିଦିନିଆ ବ୍ୟାପାର ହୋଇଗଲାଣି। ଏହା ବ୍ୟତୀତ ଯୌନ ଶୋଷଣ ଏବଂ ବ୍ଲାକମେଲିଂ (୩.୧ ପ୍ରତିଶତ) ଭଳି ସାଇବର ଅପରାଧ ମଧ୍ୟ ବୃଦ୍ଧି ପାଉଛି । ରାଜଧାନୀ ଦିଲ୍ଲୀରେ ୪୦୪ଟି ସାଇବର ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୧୯୬ଟି ମାମଲା କେବଳ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଅଶ୍ଳୀଳ ବା ଆପତ୍ତିଜନକ ତଥ୍ୟ ପ୍ରସାରଣ ସହ ଜଡ଼ିତ ଥିଲା।

ସାଇବର ଅପରାଧ ସହିତ ତାଳ ଦେଇ ଦେଶରେ ଅର୍ଥନୈତିକ ଅପରାଧ କ୍ଷେତ୍ରରେ ମଧ୍ୟ ୪.୬ ପ୍ରତିଶତ ବୃଦ୍ଧି ଘଟି ୨.୧୪ ଲକ୍ଷ ମାମଲା ରୁଜୁ ହୋଇଛି । ଏହି ଅର୍ଥନୈତିକ ଅପରାଧଗୁଡ଼ିକ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ (୧,୯୨,୩୮୨ ମାମଲା) କେବଳ ଜାଲିଆତି, ଠକେଇ ଏବଂ ଛଳନା ସହ ଜଡ଼ିତ ଥିବା ଦେଖିବାକୁ ମିଳିଛି । ଏହା ସହିତ ଅପରାଧିକ ବିଶ୍ୱାସଘାତକତା ବାବଦରେ ୨୧,୨୫୧ ମାମଲା ରୁଜୁ ହୋଇଛି । ବର୍ଷକ ମଧ୍ୟରେ ସୁରକ୍ଷା ବାହିନୀ ପକ୍ଷରୁ ୫୪.୬୧ କୋଟି ଟଙ୍କା ମୂଲ୍ୟର ୮.୨୧ ଲକ୍ଷ ଜାଲ୍ ନୋଟ୍ ଜବତ କରାଯିବା ଆମ ଦେଶର ଅର୍ଥବ୍ୟବସ୍ଥା ପ୍ରତି ଥିବା ଏକ ବଡ଼ ବିପଦକୁ ସୂଚାଉଛି । ଏହି ସମସ୍ତ ତଥ୍ୟ ସ୍ପଷ୍ଟ କରୁଛି ଯେ ଅପରାଧର ପ୍ରକୃତି ବଦଳୁଛି । ବୌଦ୍ଧିକ ଏବଂ ବୈଷୟିକ କୌଶଳ ବ୍ୟବହାର କରି ଲୋକଙ୍କୁ ଲୁଟିବା ବା 'ହ୍ୱାଇଟ୍-କଲାର୍ କ୍ରାଇମ୍' ପ୍ରବୃତ୍ତି ଦ୍ରୁତ ଗତିରେ ବଢୁଛି । ଏହାକୁ ରୋକିବା ପାଇଁ ପୋଲିସ ବାହିନୀର ବୈଷୟିକ ଦକ୍ଷତା ବୃଦ୍ଧି କରିବା ଏବଂ ସାଇବର ଫୋରେନ୍ସିକ୍ ଲ୍ୟାବ୍ ଗୁଡ଼ିକର ଉନ୍ନତିକରଣ କରିବା ନିହାତି ଆବଶ୍ୟକ ହୋଇପଡିଛି।

ମହିଳା ଓ ଶିଶୁମାନଙ୍କ ସୁରକ୍ଷା କ୍ଷେତ୍ରରେ ଦେଶର ସ୍ଥିତି ଆଦୌ ସନ୍ତୋଷଜନକ ନୁହେଁ । ଯଦିଓ ମହିଳାଙ୍କ ପ୍ରତି ହେଉଥିବା ଅପରାଧରେ ୧.୫ ପ୍ରତିଶତର ଏକ ସାମାନ୍ୟ ହ୍ରାସ ଦେଖାଦେଇଛି, ତଥାପି ବର୍ଷକ ମଧ୍ୟରେ ୪.୪୧ ଲକ୍ଷ ମାମଲା ରୁଜୁ ହେବା ଆମ ସମାଜର ଏକ କଳଙ୍କିତ ଚିତ୍ରକୁ ପଦାରେ ପକାଉଛି । ଏହି ମାମଲାଗୁଡ଼ିକ ମଧ୍ୟରୁ ସର୍ବାଧିକ ୨୭.୨ ପ୍ରତିଶତ (୧,୨୦,୨୨୭ ମାମଲା) କେବଳ ସ୍ୱାମୀ ବା ଶାଶୁଘର ଲୋକଙ୍କ ଦ୍ୱାରା ନିର୍ଯ୍ୟାତନା ଅର୍ଥାତ୍ ଘରୋଇ ହିଂସା ସହ ଜଡ଼ିତ । ମହିଳାମାନଙ୍କୁ ଅପହରଣ କରିବା ମାମଲା ଦ୍ୱିତୀୟ ସର୍ବାଧିକ କାରଣ ଭାବେ ଉଭା ହୋଇଛି, ଯେଉଁଥିରେ ୬୭,୮୨୯ଟି ମାମଲା ରୁଜୁ ହୋଇଛି । ଉତ୍ତରପ୍ରଦେଶ (୬୬,୩୯୮ ମାମଲା), ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକରେ ମହିଳା ନିର୍ଯ୍ୟାତନା ମାମଲା ସର୍ବାଧିକ ରହିବା ସେହି ରାଜ୍ୟଗୁଡ଼ିକର ଆଇନ ବ୍ୟବସ୍ଥା ତଥା ସାମାଜିକ ସଚେତନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେବଳ ଉତ୍ତରପ୍ରଦେଶରେ ସର୍ବାଧିକ ୨,୦୫୭ଟି ଯୌତୁକ ଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଥିବା ବେଳେ ବିହାର ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି । ଅନ୍ୟପକ୍ଷରେ, ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧରେ ୫.୯ ପ୍ରତିଶତ ବୃଦ୍ଧି ଘଟିବା ଅତ୍ୟନ୍ତ ଚିନ୍ତାଜନକ । ୨୦୨୪ ମସିହାରେ ଶିଶୁମାନଙ୍କ ବିରୋଧରେ ୧.୮୭ ଲକ୍ଷ ମାମଲା ରୁଜୁ ହୋଇଛି । ଏଥିମଧ୍ୟରୁ ଅପହରଣ ଏବଂ ପୋକ୍ସୋ (POCSO) ଆଇନ ଅଧୀନରେ ରୁଜୁ ହୋଇଥିବା ଯୌନ ନିର୍ଯ୍ୟାତନା ମାମଲା ସବୁଠାରୁ ଅଧିକ । ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ଉଭୟ ସମାଜ ଓ ସରକାର କିଭଳି ବିଫଳ ହେଉଛନ୍ତି, ତାହା ଏହି ପରିସଂଖ୍ୟାନ ନିର୍ଦ୍ୱନ୍ଦ୍ୱରେ ପ୍ରମାଣ କରୁଛି । ସେହିପରି ଅନୁସୂଚିତ ଜାତି (SC) ଓ ଜନଜାତି (ST) ବର୍ଗର ଲୋକଙ୍କ ପ୍ରତି ହେଉଥିବା ଅତ୍ୟାଚାର ମାମଲାରେ ଯଥାକ୍ରମେ ୩.୬ ଏବଂ ୨୩.୧ ପ୍ରତିଶତ ହ୍ରାସ ଘଟିଥିବା ରିପୋର୍ଟରେ ଦର୍ଶାଯାଇଛି । ହତ୍ୟା ମାମଲାରେ ମଧ୍ୟ ୨.୪ ପ୍ରତିଶତର ହ୍ରାସ ଘଟିଛି ଏବଂ ପୂର୍ବଭଳି ବ୍ୟକ୍ତିଗତ ଶତ୍ରୁତା ଓ ବିବାଦ ଏହାର ମୁଖ୍ୟ କାରଣ ସାଜିଛି । ତେବେ ସାମାଜିକ ବାସ୍ତବତାକୁ ଦେଖିଲେ ମାର୍ଜିନାଲାଇଜଡ୍ ବା ଅବହେଳିତ ବର୍ଗଙ୍କ ପ୍ରତି ଅତ୍ୟାଚାର ପ୍ରକୃତରେ କମିଛି ନା ମାମଲାଗୁଡ଼ିକ ଥାନାରେ ପଞ୍ଜିକରଣ ହେଉନାହିଁ, ତାହା ଏକ ବିତର୍କର ବିଷୟ ।

କେବଳ ଅପରାଧ ନୁହେଁ, ବରଂ ସାମାଜିକ ଏବଂ ଅର୍ଥନୈତିକ ନୈରାଶ୍ୟର ଏକ ଭୟଙ୍କର ଚିତ୍ର ମଧ୍ୟ ଏନସିଆରବିର ସାଥୀ ରିପୋର୍ଟ 'ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୪'ରୁ ସ୍ପଷ୍ଟ ବାରି ହୋଇପଡୁଛି । ଏହି ରିପୋର୍ଟ ଅନୁଯାୟୀ, ଦେଶରେ ୧.୭୦ ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟା କରିଛନ୍ତି । ଏଥିମଧ୍ୟରୁ ଦୈନିକ ମଜୁରିଆଙ୍କ ସଂଖ୍ୟା ସର୍ବାଧିକ ୩୧ ପ୍ରତିଶତ ଥିବାବେଳେ କୃଷି କ୍ଷେତ୍ରରେ କାର୍ଯ୍ୟରତ ୧୦,୫୪୬ ଜଣ (ଯେଉଁଥିରେ ୪,୬୩୩ ଜଣ କୃଷକ ଓ ୫,୯୧୩ ଜଣ କୃଷି ଶ୍ରମିକ ଅନ୍ତର୍ଭୁକ୍ତ) ନିଜ ଜୀବନ ହାରିଛନ୍ତି । ଏହା ଦେଶର କୃଷି ଅର୍ଥନୀତିର ଦୟନୀୟ ସ୍ଥିତି, ଋଣଭାର ଏବଂ ଗ୍ରାମୀଣ ଭାରତରେ ଥିବା ଆର୍ଥିକ ସଙ୍କଟର ଏକ ନିଛକ ପ୍ରମାଣ । ବିକାଶର ବଡ଼ ବଡ଼ ଦାବି ସତ୍ତ୍ୱେ କୃଷକ ଏବଂ ଶ୍ରମିକ ଶ୍ରେଣୀର ଲୋକମାନେ କିଭଳି ହତାଶାର ଜୀବନ ବିତାଉଛନ୍ତି, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏହା ସହିତ ନିଶାଦ୍ରବ୍ୟର ଅତ୍ୟଧିକ ସେବନ ବା 'ଡ୍ରଗ୍ ଓଭରଡୋଜ୍' କାରଣରୁ ମୃତ୍ୟୁ ସଂଖ୍ୟାରେ ୫୦ ପ୍ରତିଶତର ଅଭାବନୀୟ ବୃଦ୍ଧି ଘଟି ୯୭୮ ଜଣଙ୍କର ପ୍ରାଣହାନି ଘଟିଛି । ତାମିଲନାଡୁ ଏବଂ ପଞ୍ଜାବ ଭଳି ରାଜ୍ୟରେ ଯୁବପିଢ଼ି ନିଶା କବଳରେ ପଡ଼ି ସର୍ବାଧିକ ଜୀବନ ହାରିବା ଦେଶର ଭବିଷ୍ୟତ ପାଇଁ ଏକ ଜାତୀୟ ସଙ୍କଟ ଆଡ଼କୁ ଇଙ୍ଗିତ କରୁଛି। ଅନ୍ୟପକ୍ଷରେ, ରାଷ୍ଟ୍ର ବିରୋଧୀ ଅପରାଧ ବା ସରକାରୀ ସମ୍ପତ୍ତି ନଷ୍ଟ କରିବା ମାମଲାରେ ୬.୬ ପ୍ରତିଶତ ବୃଦ୍ଧି ଏବଂ ୟୁଏପିଏ (UAPA) ଆଇନର ବହୁଳ ବ୍ୟବହାର ଦେଶରେ ବଢୁଥିବା ରାଜନୈତିକ ତଥା ସାମାଜିକ ଅସନ୍ତୋଷକୁ ସୂଚାଉଛି । ଆଇନ ପ୍ରଣୟନ ଓ କାର୍ଯ୍ୟକାରିତା କ୍ଷେତ୍ରରେ କେରଳ ଭଳି ରାଜ୍ୟ ଚାର୍ଜସିଟ୍ ଦାଖଲ କରିବାରେ ୯୪.୫ ପ୍ରତିଶତ ସଫଳତା ହାସଲ କରି ଆଇନଗତ ପ୍ରକ୍ରିୟାରେ ଉଦାହରଣ ସୃଷ୍ଟି କରିଥିବା ବେଳେ ପୁଡୁଚେରୀ ଏବଂ ପଶ୍ଚିମବଙ୍ଗ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି । ବର୍ଷକ ମଧ୍ୟରେ ଦେଶରେ ୨୬.୭୨ ଲକ୍ଷ ଲୋକ ଗିରଫ ହୋଇଥିବା ବେଳେ ୧୦.୭୧ ଲକ୍ଷ ଲୋକ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ପରିଶେଷରେ, ଏନସିଆରବିର ୨୦୨୪ ରିପୋର୍ଟକୁ କେବଳ ଏକ ପରିସଂଖ୍ୟାନର ଶୁଷ୍କ ତାଲିକା ଭାବରେ ଗ୍ରହଣ କରାଯାଇ ନପାରେ; ଏହା ଆମ ସମାଜର ସାମ୍ପ୍ରତିକ ସ୍ୱାସ୍ଥ୍ୟ ଏବଂ ଆଇନ ବ୍ୟବସ୍ଥାର ଏକ ଏକ୍ସ-ରେ ରିପୋର୍ଟ ସଦୃଶ । ମୋଟ ଅପରାଧରେ ୬ ପ୍ରତିଶତ ହ୍ରାସ ନିଶ୍ଚିତ ଭାବରେ ଏକ ସକାରାତ୍ମକ ଶିରୋନାମା ସୃଷ୍ଟି କରିପାରେ, କିନ୍ତୁ ଏହା ମୁଖ୍ୟତଃ ଭାରତୀୟ ନ୍ୟାୟ ସଂହିତାର ନୂତନ ନିୟମାବଳୀର ଫଳାଫଳ ବୋଲି ହୃଦୟଙ୍ଗମ କରିବାକୁ ହେବ । ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଏହି ସାମାନ୍ୟ ହ୍ରାସକୁ ନେଇ ଆତ୍ମସନ୍ତୋଷ ଲାଭ କରିବା ପରିବର୍ତ୍ତେ, ଦ୍ରୁତ ଗତିରେ ବଢୁଥିବା ସାଇବର ଅପରାଧ, ଅର୍ଥନୈତିକ ଠକେଇ, ଶିଶୁ ନିର୍ଯ୍ୟାତନା, ନିଶାଦ୍ରବ୍ୟର ପ୍ରସାର ଏବଂ କୃଷକ ଆତ୍ମହତ୍ୟା ଭଳି ପ୍ରକୃତ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ନିହାତି ଆବଶ୍ୟକ । ଆଜିର ଅପରାଧୀ କେବଳ ଅନ୍ଧାର ରାସ୍ତାଘାଟରେ ନୁହେଁ, ବରଂ କମ୍ପ୍ୟୁଟର ସ୍କ୍ରିନ୍ ପଛରେ ବସି ସମାଜକୁ ନିଜର ଶିକାର ବନାଉଛି । ତେଣୁ ଆମର ଆଇନ ବ୍ୟବସ୍ଥା, ପୋଲିସ ପ୍ରଶାସନ ଏବଂ ତଦନ୍ତ ପ୍ରକ୍ରିୟାକୁ ଆଧୁନିକୀକରଣ କରିବା ସହିତ ଅଧିକ ସମ୍ବେଦନଶୀଳ ଏବଂ ବୈଷୟିକ ଜ୍ଞାନସମ୍ପନ୍ନ କରିବା ସମୟର ସବୁଠାରୁ ବଡ଼ ଆହ୍ୱାନ । ଯେପର୍ଯ୍ୟନ୍ତ ଆମେ ଅପରାଧର ମୂଳ କାରଣ- ଯଥା ଅର୍ଥନୈତିକ ବୈଷମ୍ୟ, ବେକାରୀ ସମସ୍ୟା, ନିଶାଦ୍ରବ୍ୟର ବେଆଇନ କାରବାର ଏବଂ ସାମାଜିକ ଅସମାନତାକୁ ସମୂଳେ ବିନାଶ ନକରିଛୁ, ସେପର୍ଯ୍ୟନ୍ତ କେବଳ ଆଇନର ପରିବର୍ତ୍ତନ କରି କାଗଜପତ୍ରରେ ଅପରାଧ ହାର କମାଇଦେଲେ ଏକ ସୁରକ୍ଷିତ ଏବଂ ସୁସ୍ଥ ସମାଜ ଗଠନର ସ୍ୱପ୍ନ କେବେ ବି ସାକାର ହୋଇପାରିବ ନାହିଁ।

# ଲାଜକୁଳା ସ୍ୱଭାବ, ବନ୍ଧୁତ୍ୱ ଓ ମାନସିକତା



## ଡକ୍ଟର ସୁରେଶ କୁମାର ନାୟକ

ଆପଣଙ୍କ ପିଲାଟି ଆବଶ୍ୟକତାଠାରୁ ଅଧିକ ଲାଜକୁଳା ସ୍ୱଭାବର କି ? ତେବେ ଏହା ଯଦିଓ ଅସ୍ୱସ୍ତିକର କିମ୍ବା ଦୁଃଖଦ ବ୍ୟବହାର ନୁହଁ କିନ୍ତୁ ଏହି ମାନସିକତା ଭିତରୁ ପିଲାଟି ମୁକୁଳିବା ନିଶ୍ଚିନ୍ତ ଦରକାର। ଆମ ମାନଙ୍କ ଭିତରେ ଥିବା କେତେକ ପିଲାଙ୍କ ସ୍ୱଭାବ ଟିକେ ଲାଜକୁଳା। ଅନ୍ୟମାନଙ୍କ ସହ କଥା ହେବା ବେଳେ ସେମାନେ ମନଖୋଲି କଥା ହୋଇପାରନ୍ତି ନାହିଁ। ଏପରି କି ନିଜ ମନ ଭିତରେ ଥିବା କଥାକୁ ସେମାନେ ପରିପ୍ରକାଶ କରିବାକୁ ଚାହିଁ ନଥାନ୍ତି। ହେଲେ ମନରେ ହୁଏତ ଅନେକ କିଛି କ୍ରିଏଟିଭ ଚିନ୍ତାଧାରା ଲୁଚି ରହିଥାଇପାରେ। ସ୍ୱଭାବ ଯଦି ଲାଜକୁଳା ରହିଲା ତେବେ ତାହାର ପ୍ରଭାବ ଜୀବନଶୈଳୀ ଉପରେ ପଡ଼ିବାର ମଧ୍ୟ ଆଶଙ୍କା ରହିଛି। ଯଦି ପିଲାମାନେ ଏଭଳି ଅଭ୍ୟାସ ସହ ଜଡ଼ିତ ତେବେ ମନରୁ ଏଭଳି ଭାବନାକୁ ଦୂର କରିବାର କେତେକ ସହଜ କଥା ସରଳ ଉପାୟ ରହିଛି। ପିଲାମାନେ ଏହାକୁ ଅନୁସରଣ କରିପାରନ୍ତି।

ଆଜିକାଲି ଡିଜିଟାଲ ଲାଇଫରେ ପିଲାମାନେ ଏକୁଟିଆ ରହିଯାଉଛନ୍ତି। ନୂଆ ଲୋକଙ୍କ ସହ କଥା ହେବାରେ ତାଙ୍କୁ ଲାଜ ଲାଗିଥାଏ କିମ୍ବା ସଙ୍କୋଚ ବୋଧ କରିଥାନ୍ତି। ଏହି ସମସ୍ୟାରୁ ବାହାରିବା ପାଇଁ ହେଲେ ଅଧିକ ବନ୍ଧୁ କରିବାକୁ ହେବ। ସାଙ୍ଗ କରିବା ଏକ କଳା ଯାହାକୁ ପିଲାମାନେ ଶିଖିବା ନିହାତି ଦରକାର। ବେଳେ ବେଳେ ପିଲାମାନେ ଏହା ଭାବିଥାନ୍ତି ଯେ ସାମ୍ନାରେ ଥିବା ବ୍ୟକ୍ତି କ'ଣ ଭାବିବ। ଯଦି ତୁମେ କାହା ସହ ଭେଟ ହେଉଛ ତେବେ ତାଙ୍କୁ ହାଲୋ କୁହ। ଯଦିକିଛି ପିଲା ଏକାଠି ଖେଳୁଛନ୍ତି ତେବେ ତାଙ୍କୁ ପଚାରିପାରେ ମୁଁ ବି ତୁମ ସହ ଖେଳିପାରେ କି ? ଏହି ସବୁ କଥା ଯାଦୁ ପରି କାମ କରିଥାଏ। ଯେମିତିକି ପାର୍କରେ ଯଦି କୌଣସି ପିଲା ଦୋଳିରେ ଝୁଲୁଛି ତେବେ ତାକୁ କୁହ କିଛି ସମୟ ତୁମେ ଝୁଲିବ ତା'ପରେ ମୁଁ ଝୁଲିବି। ସାଙ୍ଗ ହେବାର ଏହା ଛୋଟ ପ୍ରୟାସ।

ତୁମେ ଯଦି କୌଣସି ଜିନିଷରେ ଖେଳୁଛ କିମ୍ବା ଖାଉଛ ତେବେ ଅନ୍ୟ ସହ ଶେୟାରିଂ କରିବା ଆବଶ୍ୟକ। ଏହାଦ୍ୱାରା ତୁମ ମଧ୍ୟରେ ଭଲପାଇବା ବଢ଼ିଥାଏ। ଶେୟାର କରୁଥିବା ପିଲାମାନଙ୍କର ସାଙ୍ଗବହୁତ ଥାନ୍ତି। ଯଦି ଜଣେ ସାଙ୍ଗ ତା କଥା କିଛି କହୁଛି ତେବେ ତାଙ୍କ କଥା ପ୍ରଥମେ ଶୁଣନ୍ତୁ। ଯେତେବେଳେ ଜଣେ ପିଲା ତା ନୂଆ ସାଇକେଲ ବିଷୟରେ କହୁଚି, ତେବେ ତୁମେ ବି ପଚାରି ପାରିବ ଆରେ ବାଃ ଏହାର ରଙ୍ଗ କେତେ ସୁନ୍ଦର, ତୁ ଏହାକୁ କେଉଁଠୁ କିଣିଲୁ। ଯେତେବେଳେ ତୁମେ ଅନ୍ୟର କଥାକୁ ଧ୍ୟାନ ଦେବ ତେବେ ତୁମକୁ ଅନ୍ୟମାନେ ସେହି ଅନୁଯାୟୀ ଗୁରୁତ୍ୱ ଦେବେ।

ପ୍ରଶଂସା ଏପରି ଏକ କଳା ତୁମର ବହୁତ କାମରେ ଆସିଥାଏ। ପିଲାମାନେ ସାଙ୍ଗମାନଙ୍କ ସହ ମିଶୁଥିବା ସମୟରେ ଅନ୍ୟମାନଙ୍କର କେଉଁଗୁଣ ଭଲ ତାହା ଲକ୍ଷ୍ୟ କର। କେତେକ ପିଲାଙ୍କର ହସ୍ତାକ୍ଷର ଭଲ। ତେଣୁ ସେଭଳି ହସ୍ତାକ୍ଷର ଲେଖିବାକୁ ଚେଷ୍ଟା କର। ଅନ୍ୟମାନଙ୍କର ଖେଳକୁଦ ଯଦି ତୁମକୁ ଆକର୍ଷିତ କରୁଛି ତେବେ ତାହା ସହ ନିଜକୁ ସାମିଲ କର। ଏହାଦ୍ୱାରା ମନକୁ ଲାଜକୁଳା ସ୍ୱଭାବ କେତେକାଂଶରେ ଦୂର ହେବ। କେବଳ ସେତିକି ନୁହେଁ, ଏହାଦ୍ୱାରା ମଧ୍ୟ ଅନ୍ୟ ମାନଙ୍କ ସହ ତୁମର ବନ୍ଧୁତା ବଢ଼ିବ।

ପିଲାଟିଏ ଯଦି ଅଧିକ ସମୟ ଏକୁଟିଆ ରହିଲା ତେବେ ସେ ଲାଜକୁଳା ହେବାର ଆଶଙ୍କା ରହିଛି। ତେଣୁ ସେମାନେ ପରିବାର ସଦସ୍ୟଙ୍କ ସହ ଖୁସିରେ ସମୟ କାଟିବାକୁ ଚେଷ୍ଟା କରିବା ଦରକାର। ଏହାଦ୍ୱାରା ଲାଜକୁଳା ସ୍ୱଭାବ କିଛି ଦିନ ପରେ ବଦଳିଯିବ ଓ ଅନ୍ୟମାନଙ୍କ ସହିତ ମିଶିବାରେ କୌଣସି ଅସୁବିଧା ହେବନି। ଭୁଲ କଲେ କ୍ଷମା ମାଗିବା ଏକ ଭଲ ଅଭ୍ୟାସ। ଖେଳ ଖେଳରେ ଝଗଡ଼ା ହେବା ସାଧାରଣ କଥା। ଯେଉଁ ପିଲା ନିଜ ଭୁଲ ବୁଝି ପାରି କ୍ଷମା ମାଗିନିଏ, ତା'ର ସାଙ୍ଗ ମାନଙ୍କ ସହିତ ବନ୍ଧୁତା ବହୁତ ଦିନ ପର୍ଯ୍ୟନ୍ତ ତିଷ୍ଠି ରୁହେ ଏବଂ ମନରୁ ଲାଜକୁଳା ସ୍ୱଭାବ ମଧ୍ୟ ଦୂର ହୁଏ। ଟିମ ୱାର୍କର ମହତ୍ୱ ପିଲାମାନେ ବୁଝିବା ଦରକାର। ଏହାଦ୍ୱାରା ମନରୁ ଲାଜ ଦୂର ହେବ ଏବଂ ଏକାଠି ହେଉ ବା ନିଜେ କିଛି କାମ କରିବାକୁ ମନରେ ଆଗ୍ରହ ସୃଷ୍ଟି ହେବ। ପିଲାମାନେ ଯଦି ଖେଳୁଛନ୍ତି ତେବେ ତୁମେ ଲାଜ ଛାଡ଼ି ସେମାନଙ୍କ ସହ ସାମିଲ ହୁଅ। ଦେଖିବ ଏହାଦ୍ୱାରା ତୁମ ମନ ପ୍ରଫୁଲ୍ଲ ରହିବ ଏବଂ ପାଠପଢ଼ା ବ୍ୟତୀତ ଆହୁରି ଭଲ କାମକୁ ତୁମେ ମାନେ ଠିକ ଭାବରେ କରିପାରିବେ। କେତେକ ଲାଜକୁଳା ପିଲା ଚାପର ବଶବର୍ତ୍ତୀ ହୋଇ କିଛି କହିବା ଓ କରିବାକୁ ଭୟ କରନ୍ତି। ମାତ୍ର ଏପରି ଭାବନାକୁ ମନରୁ କାଢ଼ି ଦିଅନ୍ତୁ। ଏମିତିକି କାମ ଆରମ୍ଭ କଲେ ଭୁଲ ବି ହୋଇପାରେ, କିନ୍ତୁ ସୁଧାରିବାର ସୁଯୋଗ ବି ପାଇପାରିବେ। ତେଣୁ ଆତ୍ମବିଶ୍ୱାସକୁ ଦୃଢ଼ କରି ସବୁ କାମ କରନ୍ତୁ।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ,
ମୋ: ୯୪୩୭୨୨୫୫୯୨

# ବିପନ୍ନ ହେବାରେ ଲାଗିଛି ଆଞ୍ଚଳିକ ଦଳଙ୍କ ସ୍ଥିତି



## ଗୋପାଳ ମହାପାତ୍ର

ଭାରତୀୟ ରାଜନୀତିର ପରିଦୃଷ୍ୟରେ ଏକ ଏମିତି ଘଟଣା ଘଟୁଛି ଯାହାକୁ ବୁଝିବା ଓ ସେ ପ୍ରସଙ୍ଗରେ ଚିନ୍ତା କରିବା ଜରୁରୀ ହୋଇପଡିଛି। ଏକଦା ବିଜେପି 'କଂଗ୍ରେସ ମୁକ୍ତ ଭାରତ'ର ସ୍ଲୋଗାନ ଦେଉଥିଲା ସେତେବେଳେ ଅନେକେ ଚି'। କରୁଥିଲେ ଯେ ବିଜେପି ମଜା କରୁଛି ବା ମନଗଢ଼ା କଥା କହୁଛି କିନ୍ତୁ ଏବେର ରାଜନୈତିକ ଦୃଷ୍ୟ ପଟ୍ଟକୁ ଦେଖିଲେ ଏହା 'ଆଞ୍ଚଳିକଦଳ ମୁକ୍ତ ଭାରତ'ର ଏକ ବଡ଼ ଯୋଜନା ଭଳି ଜଣାପଡୁଛି। ବିଜେପିର ରଣନୀତିରୁ ସ୍ପଷ୍ଟଯେ, ବିଜେପି ଅତି ଆଦରର ସହ କୌଣସି ଆଞ୍ଚଳିକ ଦଳର ହାତ ଧରୁଛି, ସେଇ ଆଞ୍ଚଳିକ ଦଳ ସହ ମିଶି ସରକାର ଗଠନ କରୁଛି। ସେଠାକାର ରାଜନୀତିର ଭିତିରି କଥାକୁ ବୁଝୁଛି ଓ ଧିରେ ଧିରେ ନିଜର ବିସ୍ତାରକରି ସେଇ ଆଞ୍ଚଳିକ ଦଳକୁ ନିର୍ମୁଳ କରିବାର ଯୋଜନା କରୁଛି। ନୀତିଶ କୁମାର ହୁଅନ୍ତୁ ବା ଉଦ୍ଧବ ଠାକ୍‌ରେ, ନବୀନ ପଟ୍ଟନାୟକ ହୁଅନ୍ତୁ ବା ବାଦଲ ପରିବାର ଏଇ ଆଞ୍ଚଳିକ ଦଳ ମୁକ୍ତ ଭାରତ ପ୍ଲାନର କାହାଣୀ ଗୋଟିଏ ପ୍ରକାର ଲେଖାହେଲା ଭଳି ଲାଗୁଛି। ବିହାର କଥା ଆଲୋଚନା କରାଗଲେ ଜଣାପଡେ ଯେ ନୀତିଶ କୁମାର ବଡ଼ ଭାଇ ଥିଲେ ଓ ବିଜେପି ନୀତିଶଙ୍କ ପଛରେ ଥିଲା କିନ୍ତୁ ଏବେ ସ୍ଥିତି ପୁରା ଓଲଟା ହୋଇଯାଇଛି। ବିହାରରେ ଏବେ ବିଜେପି ସବୁଠାରୁ ବଡ଼ ଦଳ/ଶକ୍ତି ପାଲଟି ଯାଇଛି ଏବଂ ନୀତିଶ କୁମାର ସ୍ଥିତି ବଞ୍ଚାଇବା ପାଇଁ ସଂଘର୍ଷ କରୁଅଛନ୍ତି। ମହାରାଷ୍ଟ୍ରରେ ଯେଉଁ ଶିବସେନା ବିଜେପିର ହାତ ଧରି ହିନ୍ଦୁତ୍ୱର ରାସ୍ତା ଦେଖାଇଥିଲା ଏବେ ସେଇ ଶିବ ସେନା ଦୁଇ ଭାଗରେ ବିଭକ୍ତ ଓ ପରିଚୟ ପାଇଁ ଲଢେଇ କରୁଛି। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ଅପରାଜେୟ ବୋଲି କୁହାଯାଉଥିଲା। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ବା ନବୀନ ପଟ୍ଟନାୟକଙ୍କ ଦଳର ଯେମିତି ବିପର୍ଯ୍ୟୟ ହେଲା ତାହା ରାଜନୈତିକ ପଣ୍ଡିତ ମାନଙ୍କୁ ଚକିତ କରିଦେଇଥିଲା। ଓଡିଶାରେ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ସରକାର ଗଠନ କରି ସାବ୍ୟସ୍ତ କରିଦେଇଛି ଯେ କୌଣସି ଦଳର ସ୍ଥିତିକୁ କେମିତି ଭୁଷୁଡାଇ ଦିଆଯାଇପାରିବ ସେକଥା ବିଜେପିକୁ ଜଣାଅଛି। ଏକ ଦଶନ୍ଧି ପୁର୍ବରୁ ପଶ୍ଚିମବଂଗରେ ବିଜେପିର ସ୍ଥିତି ନଥିଲା କିନ୍ତୁ ଏବେ ବିଜେପି ପ୍ରଚଣ୍ଡ ବହୁମତରେ ଜିତିଛି।

ବିଜେପିର ଏଇ କାୟାବିସ୍ତାରର କ୍ଷୁଧା ପାବ ଏବଂ ଦକ୍ଷିଣ ଭାରତ ଆଡକୁ ମଧ୍ୟ ଲମ୍ବିଗଲାଣି। ପାବରେ ଅକାଳିଦଳ ସହ ସମ୍ପର୍କକୁ ଭାଙ୍ଗି ବିଜେପି ତାର ସ୍ଥିତିକୁ ଯେପରି ସୁଦୃଢ଼ କରିପାରିଛି ସେଥିରୁ ସ୍ପଷ୍ଟ ଯେ ଆଗାମୀ ବର୍ଷ ପାବରେ ହେବାକୁ ଥିବା ପାବ ବିଧାନସଭା ନିର୍ବାଚନରେ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି ପାଇଁ ଅସୁବିଧା ସୃଷ୍ଟି ହେବ। ଦକ୍ଷିଣ ଭାରତ ବିଜେପି ପାଇଁ ଏକ ପ୍ରୟୋଗଶାଳା ପାଲଟିଛି ଓ ବିଜେପି ସେଠି ନିତି ପ୍ରତି ନୂଆ ନୂଆ ପ୍ରୟୋଗ କରିବାରେ ଲାଗିଛି। ତାମିଲନାଡୁ ରାଜନୀତିରେ ଦୁଇଟି ଦଳ ଡିଏମ୍‌କେ ଓ ଏଆଇଡ଼ି ଏମ କେ କୁ ଲୋକେ ଗ୍ରହଣ କରିନେଇଥିଲେ। କିନ୍ତୁ ଏଆଇଡିଏମ୍ କେ ଦୁର୍ବଳ ହୋଇପଡିବା କାରଣରୁ ବିଜେପି ସେଠି ତାର ସ୍ଥିତିକୁ ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। କେରଳରେ କଂଗ୍ରେସ ଏବଂ ବାମଦଳ ବ୍ୟତୀତ ଅନ୍ୟ କାହାରି ସ୍ଥିତି ନଥିଲା। କିନ୍ତୁ ତ୍ରିଶୁର ଆସନ ଜିତି ବିଜେପି ତାର ଭୋଟ ହାର ବଢ଼ାଇବାରେ ସକ୍ଷମ ହୋଇଛି। କଂଗ୍ରେସ ଯଦିଓ କେରଳରେ ଜିତିଛି କିନ୍ତୁ କଂଗ୍ରେସ ନେତା ମାନେ ଜାଣିଛନ୍ତି ଯେ ବିଜେପିର ନଜର ଏବେ କେରଳ ଉପରେ ରହିଛି। ବିଜେପି ମଧ୍ୟ କେରଳରେ ସ୍ଥିତି ସୁଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛି।

ପଶ୍ଚିମବଂଗ ବିଧାନସଭା ଫଳାଫଳ ଘୋଷଣା ହେବା ପରେ ବିଜେପି ମୁଖ୍ୟାଳୟରେ ଦଳୀୟ ନେତାଙ୍କୁ ସମ୍ବୋଧନ କରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ମହିଳା ଆରକ୍ଷଣ ବିଧେୟକକୁ ବିରୋଧ କରି ଅଖିଳେଶ ଯାଦବ ମସ୍ତବଡ଼ ଭୁଲ କରିଛନ୍ତି ଓ ଏହା ତାଙ୍କ ରାଜନୀତି ପାଇଁ ମହଙ୍ଗା ପଡିବ। ଏଥିରୁ ସ୍ପଷ୍ଟ ଯେ ବିଜେପି ଆଗାମୀ ଦିନରେ ପୁନଃ ଉତ୍ତର ପ୍ରଦେଶକୁ ହାତେଇବାର ଉଦ୍ୟମରେ ରହିଛି। ହୁଏତ ଆଗାମୀ ଦିନରେ ହେବାକୁ ଥିବା ଉତ୍ତର ପ୍ରଦେଶର ବିଧାନସଭା ନିର୍ବାଚନରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ମଧ୍ୟ ଖତଖାଇଯିବ। ଆଞ୍ଚଳିକ ଦଳମାନେ ଯେଉଁ ସବୁ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁଥିଲେ ସେ ସବୁ ପ୍ରସଙ୍ଗକୁ ପଛରେ ପକାଇ ଦେଇଛି ବିଜେପି। ଅନ୍ୟ ପକ୍ଷରେ କଂଗ୍ରେସର କିନ୍ତୁ ଭିନ୍ନ ତର୍କ। କଂଗ୍ରେସର ଅନେକ ନେତାଙ୍କ ମତ ହେଉଛି ଆଞ୍ଚଳିକ ଦଳମାନେ ବିଜେପିର ଆକ୍ରାମକ ବିଚାରଧାରାର ମୁକାବିଲା କରିପାରୁ ନାହାଁନ୍ତି। ଆଞ୍ଚଳିକ ଦଳ ଏବଂ ବିଜେପି ମଧ୍ୟରେ ମୁକାବିଲା ଆହୁରି ବଢ଼ିବ ଶେଷରେ ଦେଶରେ 'କଂଗ୍ରେସ ବନାମ ବିଜେପି'ରହିବାର ସମୟ ଆସିବ। ଅର୍ଥାତ କଂଗ୍ରେସ ମଧ୍ୟ ଚାହୁଁଛି ଯେ ଆଞ୍ଚଳିକ ଦଳମାନେ ଦୁର୍ବଳ ହେଲେ କଂଗ୍ରେସର ଲାଭ ହେବ। କଂଗ୍ରେସ ଶାସନକୁ ଆସି ନପାରିଲେ ମଧ୍ୟ ମୁଖ୍ୟ ବିରୋଧି ଦଳ ହୋଇ ରହିବ। ଅଲାପତି ବିଜୟଙ୍କ ଭଳି ନୂଆ ଚେହେରା ତାମିଲନାଡୁରେ ଲୋକଙ୍କ ମନରେ ଆଶା ସଞ୍ଚାର କରି ପାରନ୍ତି କିନ୍ତୁ ବିଜେପି ଯେମିତି ଷ୍ଟାଇଲରେ କାମ କରୁଛି ସେଥିରୁ ସ୍ପଷ୍ଟ ଯେ ତାମିଲନାଡୁର ବିଜୟଙ୍କ ତିଷ୍ଠିବା ମୁସ୍କିଲ ହୋଇପଡିବ।

ପ୍ରଶ୍ନ ଉଠୁଛି ଯେ ଏଭଳି ଘଟଣା କ'ଣ ଗଣତନ୍ତ୍ର ପାଇଁ ଠିକ୍ କି ? ଭାରତ ଏକ ଏଭଳି ଦେଶ ଯେଉଁଠି ଅନେକ ଭାଷା ଓ ସଂସ୍କୃତି ରହିଛି। ଆଞ୍ଚଳିକ ଦଳମାନେ ସ୍ଥାନୀୟ ଭାଷା ବା ଲୋକଙ୍କ ସ୍ୱର ହୋଇଥାନ୍ତି। ଯଦି ଆଞ୍ଚଳିକ ଦଳମାନେ ନିର୍ମୁଳ ହୋଇଯିବେ ତେବେ କ'ଣ ସ୍ଥାନୀୟ ପ୍ରସଙ୍ଗ ସଂସଦରେ ଦବିଯିବ ? ବିଜେପି କୌଣସି ରାଜ୍ୟରେ ଦ୍ୱିତୀୟ ବା ତୃତୀୟ ସ୍ଥାନରେ ରହିବାର ମାନସିକତାରେ ନାହିଁ। ଯଦି ଆଞ୍ଚଳିକ ଦଳ ମାନେ ଲୋପ ପାଇଯିବେ ତେବେ ଦେଶରେ ମାତ୍ର ଦୁଇଟି ଦଳ ରହିଯିବ। ଆଗକୁ କ'ଣ ହେବ ସେ କଥା ସମୟ କହିବ। ଆଞ୍ଚଳିକ ପରିଚୟ ଏବଂ ସ୍ୱରକୁ ବଞ୍ଚେଇ ରଖିବା ପାଇଁ ଲୋକେ ଚାହିଁବେ ନା ନାହିଁ ?

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ନଦୀରେ ମୁଦ୍ରା ପକାନ୍ତି କାହିଁକି ?



## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଟ୍ରେନରେ ହେଉ ବା ବସରେ ଯିବା ଆସିବା ସମୟରେ ଆମ ଭିତରୁ ଅନେକ କୌଣସି ପବିତ୍ର ନଦୀ ଉପରେ ଯାତ୍ରା କଲାବେଳେ କିଛି ବ୍ୟକ୍ତି ମୁଦ୍ରା ନଦୀ ଗର୍ଭକୁ ପକାଇଥାନ୍ତି। କେହି କେହି ଏହାକୁ ଆଧ୍ୟାତ୍ମିକ କ୍ଷେତ୍ରରେ ଦାନ ଭାବରେ ଗ୍ରହଣ କରିଥାନ୍ତି, କେହି କେହି ଏହାକୁ ଅନ୍ଧବିଶ୍ୱାସ ଭାବରେ ବିଚାର କରନ୍ତି। କୁମ୍ଭ ମେଳା ବା ଯେକୌଣସି ଛୋଟବଡ଼ ମେଳା ଅନୁଷ୍ଠିତ ହେଉଥିବା ସ୍ଥଳୀ ବା ନିକଟବର୍ତ୍ତୀ ଦେବାଳୟର ଜଳାଶୟକୁ ମଧ୍ୟ କିଛି ବ୍ୟକ୍ତି ସେହିପରି ମୁଦ୍ରା ପକାଇଥାନ୍ତି। ଆଭିଜାତ୍ୟ ପରିବାରରେ ସ୍ୱର୍ଣ୍ଣମୁଦ୍ରା ବା ରୌପ୍ୟମୁଦ୍ରା ମଧ୍ୟ ଅର୍ପଣ କରିଥାନ୍ତି। ଆମ ହିନ୍ଦୁ ଆଧ୍ୟାତ୍ମିକ ଶାସ୍ତ୍ର ଓ ସନାତନ ସଂସ୍କୃତିର ପରମ୍ପରାକୁ ଦେଖିଲେ ପ୍ରତ୍ୟେକ ଧର୍ମରେ ଦାନକୁ ଏକ ପୁଣ୍ୟ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ଈଶ୍ୱର କୃପା ଲାଭ ହୋଇଥାଏ । ଏଣୁ ଏହାକୁ ନେଇ ଅନେକ ପରମ୍ପରା ରହିଛି । ଆମ ଦେଶରେ ଏହିପରି ଅନେକ ପରମ୍ପରା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ନଦୀରେ ମୁଦ୍ରା ପକାଇବାର ପରମ୍ପରା। ଏହାକୁ ଏକ ପ୍ରକାର ଦାନ ଭାବେ ମଧ୍ୟ ଗ୍ରହଣ କରାଯାଇଛି । ବହୁ ପବିତ୍ର ନଦୀରେ ଗରିବ ପିଲାମାନେ ମୁଦ୍ରା ସଂଗ୍ରହ କାର୍ଯ୍ୟ ମଧ୍ୟ କରିଥାଆନ୍ତି ।

ଗତ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଅନେକ ଗରିବ ଶ୍ରେଣୀର ସ୍ଥାନୀୟ ପିଲା ତ୍ରିବେଣୀ ସଙ୍ଗମରୁ ପଡ଼ିଥିବା ମୁଦ୍ରା ସଂଗ୍ରହ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତେଣୁ କହିବାକୁଗଲେ ନଦୀରେ ମୁଦ୍ରା ପକାଇବା ଭାବନାକୁ ଏକ ପ୍ରକାର ଦାନ ବା ଅର୍ଘ୍ୟ ଭାବେ ବିଚାର କରାଯାଇପାରେ। ଦେଖିବାକୁ ଗଲେ ଏହା ପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ପ୍ରାଚୀନ କାଳରେ ତମ୍ବା ଓ ରୁପା ମୁଦ୍ରା ବ୍ୟବହାର କରାଯାଉଥିଲା। ଏହି ମୁଦ୍ରା ଜଳରେ ପକାଇଲେ ନଦୀର ଜଳ ଶୁଦ୍ଧ ହୋଇଥାଏ । ମୁଦ୍ରା ଏପରି ଏକ ସାମଗ୍ରୀ ଏହା ଜଳାଶୟରେ ପଡ଼ିଲେ ଜଳାଶୟକୁ ଅପରିଷ୍କାର କରିନଥାଏ। କେହି କେହି ପ୍ରାଚୀନ ସମୟର ଦୁର୍ଲଭ ମୁଦ୍ରା ପ୍ରାପ୍ତ ହୋଇ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବାର ଅନେକ ଘଟଣା ମଧ୍ୟ ଆମେ ଶୁଣିଛୁ ଓ ଦେଖିଛୁ। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନଦୀରେ ରୂପା ମୁଦ୍ରା ପକାଇବା ଦ୍ୱାରା ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେବେ ସବୁର ମୂଳରେ ରହିଛି ଆପଣଙ୍କର ଦୃଢ଼ ବିଶ୍ୱାସ ଓ ନିଜ ଗୁରୁ ବା ଇଷ୍ଟଙ୍କ ଉପରେ ଆତ୍ମସମର୍ପଣ ଭାବ। ନଦୀରେ ମୁଦ୍ରା ପକାଇବା ଯେଉଁପରି ଏକ ଦାତବ୍ୟ ଧାର୍ମିକ କାର୍ଯ୍ୟ ସତ୍ ହୃଦୟରେ ପ୍ରତିଦିନ କିଛି ଦାନ ଧର୍ମ କରିବା ମଧ୍ୟ ଏକ ଶ୍ରେଷ୍ଠ ପୁଣ୍ୟ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ମୋ: ୯୪୩୭୧୦୩୧୨୫୩




## ଆସ ପ୍ରଣୟିନୀ ଆସ

### ସିଦ୍ଧେଶ୍ୱର ତ୍ରିପାଠୀ

ଭାରି ଅସହ୍ୟ ଏ ଯଉବନ ତାତି
କାମନାର ନିଆଁ ଧାସ
ମଧୁଭଣ୍ଡାରରେ ଅମୃତ ନେଇ
ଆସ ପ୍ରଣୟିନୀ ଆସ

ଶୃଙ୍ଖଳା ପଡିଛି ମନ ମରୁବାଲି
ଦେହେ ବଇସାକ୍ଷୀ ଝାଞ୍ଜି
ଆଖି ଇଶାରାରେ ନିଅଗୋ କୋଳେଇ
ବୁଣି ଦିଅ ପ୍ରେମ ମଞ୍ଜି ।

ତୁମ ଓଠ ଛୁଇଁ ଭଙ୍ଗ ହେବମୋ
ବହୁଦିନ ଉପବାସ
ମଧୁ ଭଣ୍ଡାରରେ ଅମୃତ ନେଇ
ଆସ ପ୍ରଣୟିନୀ ଆସ ।

ଜାନୁ ଯଉବନ ମୁକୁଳିତ ହେଉ
ଦୃଢ଼ ଆଲିଙ୍ଗନ ସାଥେ
ସପନ ଗୁଡାକ ସତ ହେଇଯାଉ
ହାତ ରଖି ତୁମ ହାତେ ।

ଅଙ୍ଗବାସ ଦୂରେ ଦୀର୍ଘ ନିଶ୍ୱାସରେ
କଟୁଥିବ ପରିବେଶ
ମଧୁ ଭଣ୍ଡାରରେ ଅମୃତ ନେଇ
ଆସ ପ୍ରଣୟିନୀ ଆସ ।

+ ଖୋର୍ଦ୍ଧା

## ବୋଉ ...ତାର ମଉନ ଆଶୀର୍ବାଦ

### ବାଦଲ ଭୂୟାଁ



ବୋଉ ତୁ ଓ ତୋ କଥା
ସଦାବେଳେ ମନେ ପଡୁଥାଉ
ତୋ କଥାରେ ତୋ ଗପରେ
ସାତ ଶଗଡ଼ି କୋଇଲି ସୂତାର
କାହାଣୀ ପରି କେତେ ଭଲ ପାଇବାର
ରହସ୍ୟ ! !
କେତେ ଆନମନା ହବା ଉପାଦାନ
ତୋ ଦେହ ବଖରା ମୋ ପାଇଁ
ମାଆ ଲକ୍ଷ୍ମୀଙ୍କ ଶୀତଳ ଭଣ୍ଡାର
ତୋ ଆଶିଷ, ତୋ ହାତ ଆଉଁଷାର
କଅଁଳ ସ୍ପର୍ଶ
ଏବେ ବି ମୋ ମନ ପରାଣରେ
ଭରେ ନିଟୋଳ ଆନନ୍ଦ । ।
ମୋ ବାଳୁତ ବେଳୁ ଏ ପର୍ଯ୍ୟନ୍ତ
ଶରଣ ପଶିଲା ପରି ରଖିଚୁ
ଅକ୍ଷତ ଅନନ୍ତ
ମୋ ପେଟର ଭୋକ
ତୋର ସୂକ୍ଷ୍ମ ଅନୁଭବ
ମୋର ଯାବତୀୟ ଜଞ୍ଜାଳର
ତୁ ଦର୍ପଣ ସଦୃଶ
ମୋ ଦୁଃଖ ଶୋକରେ ଦେଖୁ ତୁ ସ୍ୱପ୍ନ
ସମ୍ଭାବନାର ଅନେକ ହରଫ
ତୋର କ'ଣ ନିଜର କିଛି ବୋଲି ନାହିଁ ?
ନାଁ, ସ୍ୱପ୍ନ, ନା ଭୂତ, ନା ଭବିଷ୍ୟତ ?
ତୁ କେଉଁ ଉପାଦାନାର
ଗଢ଼ା ସଜୀବ ସ୍ୱାକ୍ଷର ?

ବୋଉ ମୋର ବ୍ରହ୍ମର ବ୍ରହ୍ମାଣ୍ଡ
ସୁଲି ସୁଲି ପବନର ସବୁଜ ସମ୍ଭାର
ହୋଇ ମୋ ଦେହରେ ବୋଳି
ହୋଇଯାଏ ତା ସୁ ମନାଶ
କେବେ ରାକା ରଜନୀର ତୋଫା
ଜହ୍ନ ହୋଇ ମୋତେ ଧୋଇ ଦିଏ
ଗୋଟା ଅବୟବ
ମନ ମୁନ ଚୈତନ୍ୟରେ ଭେଦୁଥାଏ
ମୁହୂର୍ତ୍ତ, ମୁହୂର୍ତ୍ତ ଯା' କଥା
ସେ 'ମୋ ବୋଉ',
ତାର ମଉନ ଆଶୀର୍ବାଦ । ।

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର
ମୋ : ୭୪୮୮୯୯୮୫୩୨





# ଚତୁର ଠେକୁଆ

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଗୋଟିଏ ବଡ଼ ଜଙ୍ଗଲରେ ଚିକୁ ନାମକ ଏକ ଠେକୁଆ ରହୁଥିଲା। ଚିକୁ ବହୁତ ଚଞ୍ଚଳ ଏବଂ ବୁଦ୍ଧିମାନ ଥିଲା। ସେହି ଜଙ୍ଗଲରେ କାଲୁ ନାମକ ଏକ ଭାଲୁ ମଧ ରହୁଥିଲା। କାଲୁ ଭାରି ଗର୍ବୀ ଏବଂ ଅଳସୁଆ ଥିଲା।

ଦିନେ କାଲୁ ଭାଲୁ ଆମ୍ବ ଗଛରେ ଏକ ମହୁଫେଣା ଦେଖିଲା। ସେଥିରୁ ମିଠା ମହୁ ଖାଇବା ପାଇଁ ତାର ବହୁତ ଇଛା ହେଲା। କିନ୍ତୁ ସେ ଜାଣି ନଥିଲା କିପରି ମହୁମାଛିମାନଙ୍କ କବଳରୁ ରକ୍ଷା ପାଇ ମହୁ ବାହାର କରିବ। ସେ ଚିକୁକୁ ଦେଖି ତାକୁ ଏକ ଚ୍ୟାଲେଞ୍ଜ୍ ଦେଲା।

କାଲୁ କହିଲା, ଆରେ ଚିକୁ ତୁ ତ ନିଜକୁ ବହୁତ ଚତୁର ବୋଲି ଭାବୁଛୁ। ଯଦି ତୁ ଆମ୍ବ ଗଛରେ ହୋଇଥିବା ମହୁଫେଣାରୁ ମହୁ ଆଣିପାରିବୁ, ତେବେ ମୁଁ ମାନିବି ଯେ ବଳ ଅପେକ୍ଷା ବୁଦ୍ଧି ବଡ଼।



ଚିକୁ ହସିଲା ଏବଂ କହିଲା, ଠିକ୍ ଅଛି କାଲୁ ଭାଇ, କିନ୍ତୁ ତୁମକୁ ସାହାଯ୍ୟ କରିବାକୁ ପଡ଼ିବ।

ଚିକୁ କିଛି ଦୂରରେ ଥିବା ଏକ ଖାଲୁଆ ସ୍ଥାନରେ କିଛି ପାଣି ଜମା କଲା ଏବଂ ତା' ଉପରେ କିଛି ଫୁଲର ପାଖୁଡ଼ା ବିଛାଇ ଦେଲା। ତା'ପରେ ସେ ଗୋଟିଏ ବାଡ଼ିରେ ମହୁଫେଣାକୁ ଟିକେ ହଲାଇ ଦେଲା। ମହୁମାଛିମାନେ ରାଗିଯାଇ ବାହାରକୁ ଆସିଲେ।

ଚିକୁ ଦୌଡ଼ିବାକୁ ଲାଗିଲା ଏବଂ ସେହି ପାଣି କୁଣ୍ଡ ପାଖକୁ ଗଲା। ମହୁମାଛିମାନେ ପାଖକୁ ଆସିବା ମାତ୍ରେ ସେ ପାଣି ଭିତରେ ବୁଡ଼ିଗଲା। ମହୁମାଛିମାନେ ଫୁଲ ଗନ୍ଧରେ ଭ୍ରମିତ ହୋଇ ସେଠାରେ ଉଡ଼ିଲେ, କିନ୍ତୁ ଚିକୁକୁ ପାଇଲେ ନାହିଁ। କିଛି ସମୟ ପରେ ସେମାନେ ଫେରିଗଲେ।

ଚିକୁ ସୁବିଧା ଦେଖି କିଛି ମହୁ ସଂଗ୍ରହ କରି କାଲୁ ପାଖକୁ ନେଇଗଲା। କାଲୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ସେ ଚିକୁକୁ ସାବାସି ଦେଲା। ସେ ବୁଝିଲା ଯେ କୌଣସି କାମ ପାଇଁ କେବଳ ଶାରୀରିକ ବଳ ଯଥେଷ୍ଟ ନୁହେଁ। ସଠିକ୍ ସମୟରେ ବୁଦ୍ଧିର ପ୍ରୟୋଗ ହିଁ ସଫଳତା ଆଣିଥାଏ।ବଳ ଅପେକ୍ଷା ବୁଦ୍ଧିର ଶକ୍ତି ସବୁବେଳେ ଅଧିକ ହୋଇଥାଏ। ଧୈର୍ଯ୍ୟ ଏବଂ ଚତୁରତା ସହ ଯେକୌଣସି ବଡ଼ ସମସ୍ୟାର ସମାଧାନ କରାଯାଇପାରିବ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ବୋଉ ମମତାର ଝର ....

## ରାମଚନ୍ଦ୍ର ବେହେରା

ଫୁଲଠୁ କୋମଳ ପାଣିଠୁ ଶୀତଳ
ସିଏ ମମତାର ଝର
ତା'ସ୍ନେହ ଶରଧା ମଧୁର ବାରତା
ଲାଗେ ଭାରି ଆପଣାର।

ତା'ଡାକରେ ଥାଏ ଯାଦୁର ଶକତି
ଭରିଦିଏ ଖୁସି ପ୍ରାଣେ
ତା'ପଣତ କାନି ଦିଅଇ ଭରଷା
ଛୁପିଯାଏ ଦୁଃଖ କ୍ଷଣେ।

ଆପଦ ସମୟେ ପାହାଡ ପରାଏ
ହୋଇଥାଏ ସିଏ ସାହା
ମୋ ଖୁସିରେ ସିଏ ହୋଇଥାଏ ଖୁସି
ସାଜି ମୋ ଜୀବନ ରାହା।

ବାପାଂକ ତୋଡକୁ ଶାନ୍ତ କରେ ସିଏ
ମୋ ପାଇଁ ଶୁଣଇ ଗାଳି
ଯାହା ମୁଁ ମାଗଇ କରେ ନାହିଁ ମନା
ପୂରା କରେ ମୋର ଅଳି।

ଦୁନିଆଁର ସବୁ ଭଲ ଦରବକୁ
ମୋ ପାଇଁ ରଖେ ସାଇତି
ମୋ ମଂଗଳ ପାଇଁ ସଂଜ ଓ ସକାଳେ
ପୂଜଇ ଦିଅଁକୁ ନିତି।

ଆଦ୍ୟ ଗୁରୁ ସାଜି ପାଠ ସହ ଶାଠ
ଶିକ୍ଷାଦିଏ ନିରନ୍ତର
ଚିର ବନ୍ଦନୀୟା ବୋଉ ସିଏ ମୋର
ତା'ନାଆଁ ଜଗତେ ସାର।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ବିଜ୍ଞାନ ଗବାକ୍ଷ-୧

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

# ପୁନଶ୍ଚ ଚନ୍ଦ୍ରମା





ପୁଣି ଥରେ ମଣିଷ ଚନ୍ଦ୍ର ପାଖକୁ ଯାଇ ପୃଥିବୀକୁ ଫେରି ଆସିଛି। ଦୂରରୁ ଚନ୍ଦ୍ରର କିଛି ଫଟୋ ଉଠାଇ ଆଣିଛି। ଚନ୍ଦ୍ରମା ଲାଗି ପୃଥିବୀର ପ୍ରେମ କେବେ କମିଛି କି? ଏବେ ବି ପୃଥିବୀର ଲୋକ ଚନ୍ଦ୍ରକୁ ନେଇ ଭାବ ବିହ୍ୱଳ, ଲେଖା ହେଉଛି କବିତା, ଗୀତ ଓ ଗଳ୍ପ।

ପୁଣିଥରେ ବୈଜ୍ଞାନିକ/ ମହାକାଶଯାତ୍ରୀ ହାତରେ ଶକ୍ତିଶାଳୀ କ୍ୟାମେରା ନେଇ ଚନ୍ଦ୍ର ପାଖରେ ପହଂଚି ତାର ନିରୀକ୍ଷଣ କରି ଉତ୍ତୋଳନ କରିଛନ୍ତି ଅନେକ ଚିତ୍ତାକର୍ଷକ ଚିତ୍ର।

ଆମେ ଆମେରିକାର ମହାକାଶ ସଂସ୍ଥା ନାସାର ଆର୍ଟେମିସ୍ -୨ର କଥା ଆଲୋଚନା କରୁଛେ।

ଅନେକ ବର୍ଷ ତଳେ ଶେଷଥର ପାଇଁ ଆପୋଲୋ-୧୭ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲା ଏବଂ ସଫଳତାର ସହିତ ତାର ଲକ୍ଷ୍ୟ ହାସଲ କରିଥିଲା। ସେ ବର୍ଷ ଥିଲା ୧୯୭୨ ମସିହା। ଆପୋଲୋ ପ୍ରୋଗ୍ରାମରେ ଲୋକଙ୍କ ଆଗ୍ରହ କମି ଯାଇଥିଲା, ଆମେରିକା ସରକାର ମଧ୍ୟରେ ଆପୋଲୋ ପ୍ରୋଗ୍ରାମର ଉପାଦେୟତା ସଂପର୍କରେ ନିଶ୍ଚିତ ନଥିଲେ। ନାସା ଆପୋଲୋ ପ୍ରୋଗ୍ରାମକୁ ବନ୍ଦ କରି ଦେଇଥିଲା।

୨୦୧୭ ମସିହାରେ, ଦୀର୍ଘ ୪୫ ବର୍ଷ ପରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ପୁଣିଥରେ ଉଲ୍‌କ୍କା କିମ୍ବା ଦୂର ମହାକାଶ ବସ୍ତୁ ପାଖକୁ ମହାକାଶଯାନ ପଠାଇବାକୁ ଯୋଜନା ଆରମ୍ଭ କଲା। ଧୀରେ ଧୀରେ ଏହି ପ୍ରୋଗ୍ରାମ ଚନ୍ଦ୍ର ଆଡ଼କୁ ଲକ୍ଷ୍ୟ ରଖିଲା ଏବଂ ପୁଣିଥରେ ଚନ୍ଦ୍ର ପୃଷ୍ଠକୁ ମାନବ ପଠାଇବାର ଯୋଜନାରେ କାମ କଲା।

ତେବେ ଏତେ ବର୍ଷ ପରେ ହଠାତ୍ ଚନ୍ଦ୍ର ଏତେ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଲା କାହିଁକି? ତାର ଉତ୍ତର ପାଇବାକୁ ଅନେକବର୍ଷ ତଳେ ଲେଖା ହୋଇଥିବା କିଛି ବିଜ୍ଞାନ ଗଳ୍ପ ଓ ଉପନ୍ୟାସ ପଢ଼ିବାକୁ ପଡ଼ିବ। ୧୯୩୮ ମସିହାର ଫ୍ରାନସିସ୍ ଗଡ୍‌ୱିନ୍‌ଙ୍କ "ଚନ୍ଦ୍ରରେ ମାନବ" ହେଉ ବା ୧୮୯୫ ମସିହାର ଜୁଲ୍ସ ଓ୍ୱର୍ଣ୍ଣଙ୍କ "ପୃଥିବୀରୁ ଚନ୍ଦ୍ର" ବା ହେଚ୍.ଜି. ଓ୍ୱେଲ୍ସଙ୍କ "ଚନ୍ଦ୍ରରେ ପ୍ରଥମ ମଣିଷ", ଏ ସବୁ ବିଜ୍ଞାନ ଗଳ୍ପ ବା ଉପନ୍ୟାସରେ ଚନ୍ଦ୍ର ପୃଷ୍ଠରେ ପହଂଚିବାର ଏକ ସୁନ୍ଦର ପରିକଳ୍ପନା କରାଯାଇଛି। ତାପରେ ମଧ୍ୟ ଅନେକ ବିଜ୍ଞାନ କାହାଣୀ ଓ ଉପନ୍ୟାସ ଚନ୍ଦ୍ରରେ ପହଂଚିବା ଓ ସେଠାରେ ବସତି ସ୍ଥାପନ କରିବାର ଯୋଜନା କରାଯାଇଛି।

୧୯୬୯ ମସିହା ଜୁଲାଇ ମାସ ୨୧ ତାରିଖ ଦିନ ଆପୋଲୋ -୧୧ ମହାକାଶ ଯାନରେ ଯାଇ ମହାକାଶଯାତ୍ରୀ ନିଲ୍. ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ର ପୃଷ୍ଠରେ ପହଂଚିବାରେ ପ୍ରଥମ ମଣିଷ ହେଲେ। ତାପରେ ପରେ ନାସା ଚନ୍ଦ୍ର ପୃଷ୍ଠକୁ ସଫଳତା ସହିତ ଅନେକ ମହାକାଶ ଯାତ୍ରୀଙ୍କୁ ପଠାଇଲା।

ଏବେ ପୁଣିଥରେ ଚନ୍ଦ୍ରମା ମଣିଷ ଲାଗି ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିଛି। ଚନ୍ଦ୍ରରେ ବଣଭୋଜି କରିବାଠାରୁ ସେଠାରେ ବସତି ସ୍ଥାପନ କରିବାର ପରିକଳ୍ପନା କରୁଛନ୍ତି ବୈଜ୍ଞାନିକମାନେ। ଏ ଦିଗରେ ଶିଳ୍ପପତି ଏଲନ ମସ୍କଙ୍କ ସ୍ପେସ୍ ଏକ୍ସ ବେଶ୍ ଆଗରେ ଅଛି।

ବିଜ୍ଞାନ ଗବେଷଣା, ଚନ୍ଦ୍ରର ରହସ୍ୟ ଉନ୍ମୋଚନକୁ ଛାଡ଼ିଦେଲେ ମଣିଷ ଜାତିର ଲକ୍ଷ୍ୟରେ ରହିଛି ଚନ୍ଦ୍ର ପୃଷ୍ଠରେ ଥିବା ଖଣିଜ ପଦାର୍ଥ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ଚନ୍ଦ୍ରକୁ ମହାକାଶ ଷ୍ଟେସନ ପରି ବ୍ୟବହାର କରିବା। ଭବିଷ୍ୟତରେ ସୌର ମଣ୍ଡଳର ବିଭିନ୍ନ ଭାଗକୁ ବା ସୌରମଣ୍ଡଳ ଏହାକୁ ସିଧା ପୃଥିବୀର ଯାନ ନପଠାଇ ଚନ୍ଦ୍ର ପୃଷ୍ଠରୁ ସେ ସବୁ କାମ କରିବା ସହଜ ହେବ।

ଏବେ ଯାହା ବିଜ୍ଞାନ ଗପ ବା ଉପନ୍ୟାସରେ ଅଛି, ଅନେକ ବର୍ଷ ପରେ ତାହା ବାସ୍ତବ ହେବ, ଏଥିରେ ଏ ଲେଖକର କିଛି ସଂଶୟ ନାହିଁ। ପୁଣିଥରେ ଚନ୍ଦ୍ରମା ମଣିଷ ଜାତିର ଲକ୍ଷ୍ୟରେ ଅଛି। ଆର୍ଟେମିସ୍-୨ ଯାନର ସଫଳ ଯାତ୍ରା ଓ ପୃଥିବୀକୁ ସୁରକ୍ଷିତ ଭାବରେ ଫେରିବା ନିଶ୍ଚୟ ଏକ ସ୍ଲୋଗାନ ସୃଷ୍ଟି କରିଛି- ପୁନଶ୍ଚ ଚନ୍ଦ୍ରମା ।

+ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

# ଚାଲ ପୋତିଦେବା ମାଟିରେ ଚାରା

## ପ୍ରଶାନ୍ତ କୁମାର ଦାଶ



ଆକାଶୁ ଖସିଲା ବରଷା ଧାରା
ଚାଲ ପୋତିଦେବା ମାଟିରେ ଚାରା ।

ପାଣିପାଇ ଚାରା ହେ୍ୱତ ବଡ଼
ଗଛ ସହିଯିବି ବତାସ ଝଡ଼ ।

ଗଛରେ ପତର ହୋଇବ ଭରା
କାଟିବନି ତାତି ଡହକ ଖରା ।

ଗଛରେ ଫୁଟିବ କଢ଼ରୁ ଫୁଲ
ଫୁଲ ବଢାଇବ ବଗିଚା ମୂଲ ।

ଗଛରେ ପାଚିବ କେତେଯେ ଫଳ
ସେଇ ଫଳ ଦେବ ଦେହକୁ ବଳ ।

ଗଛରେ ଧରିବ ପାଟିଲା କୋଳି
କୋଳିଖାଇ ଡାଳେ ଖେଳିବା ଦୋଳି ।

ଗଛଛାଇତଳେ ପଢିବା ପାଠ
ଗଛ ଯୋଗାଇବ ତା ଚେର କାଠ ।

ଦୋରସା ହେଲାଣି ଫସଲ କ୍ଷେତ
ପେଟକୁ ଆହାର ବାଣ୍ଟିବ ସେତ ।

ଝପର ଝପର ବରଷା ଖସେ
ବଣ ତୋଟା ଗଛ କଅଁଳି ହସେ ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

# ବରଷା ପଡ଼ିଲା ଟୁପୁରୁ ଟାପର

## ସୁନୀଲ କୁମାର ପ୍ରଧାନ

ବରଷା ପଡ଼ିଲା ଟୁପୁରୁ ଟାପର
ଆକାଶ ସୁନ୍ଦର ଦିଶେ
କେତେ ଗଛ ନୂଆଁ ପତର ଧରିଲା
ଧରଣୀ ରାଣୀ ମୋ ହସେ ।

ଖରାର ପ୍ରକୋପ ବଢ଼ିବା ଲାଗିଲା
ନଈ ନାଳ ଶୁଖିଗଲା
ପଶୁ ପକ୍ଷୀଙ୍କର ଚିତ୍କାର ଶୁଭିଲା
ଆକାଶୁ ଜଳ ପଡ଼ିଲା ।

ବେଙ୍ଗ ବେଙ୍ଗୁଲିର କଟ କଟ ରଡ଼ି
ଆସିଲା ବରଷା ଝଡି
ପରବତ ଶିଖେ ମୟୂରଙ୍କ ଧାଡ଼ି
ମେଘଟା ଆସିଲା ମାଡ଼ି ।

ନାନା ରୂପ ନେଇ ପ୍ରକୃତି ହସଇ
ସବୁରୀ ଜିମା ସେ ହୋଇ
କେତେ ମନୋହର ଧରାଟି ଲାଗଇ
ଦିଏ ଫୁଲ ଫଳ ଛାଇ ।

ବରଷା ପାଇଁକି ଗଛଟେ ପୋତିବା
ପରିବେଶଟି ବଞ୍ଚିବ
ଟପର ଟପର ବରଷା ପଡିବ
ଜୀବ ଖୁସିରେ ରହିବ ।

+ଝାଟିପଦର, ପାଲୁର, ଗଂଜାମ
ମୋ -୭୬୦୯୯୩୪୩୬୬



# ଶେଷରେ କୁକୁର ପଳାଇଲା

## ସୁଧାଂଶୁ ଶେଖର ଦ୍ୱିବେଦୀ



ଗାଈ ଓ ଘୋଡା ମଧ୍ୟରେ ଘନିଷ୍ଠ ବନ୍ଧୁତା ଥାଏ। ଦୁହେଁ ଜଣେ କୃଷକର ପାଳିତ ପଶୁ ରୂପେ ସାଥୀରେ ଜଙ୍ଗଲକୁ ଚରିବାପାଇଁ ଯାଆନ୍ତି। କୃଷକର ପଡ଼ୋଶୀରେ ଜଣେ ଧୋବା ପରିବାର ରହୁଥାଏ। ଧୋବା ପାଖରେ ଗୋଟେ ଗଧ ଓ ଗୋଟେ ଛେଳି ଥାଏ। ସେ ଦୁହିଁଙ୍କୁ ଗାଈ ଓ ଘୋଡା ସହିତ ଜଙ୍ଗଲରେ ଚରିବା ପାଇଁ ଛାଡିଦିଏ। ଚାରିଜଣଙ୍କ ମଧ୍ୟରେ ବେଶ୍ ବନ୍ଧୁତା ହେଇଗଲା। ମିଳିମିଶି ଜଙ୍ଗଲକୁ ଯାଆନ୍ତି ପୁଣି ସନ୍ଧ୍ୟା ପୂର୍ବରୁ ନିଜ ନିଜ ଘରକୁ ଫେରିଆସନ୍ତି।

ଯେଉଁ ଜଙ୍ଗଲକୁ ଚାରିହେଁ ଚରିବାକୁ ଯାଆନ୍ତି ସେଠି ଗୋଟେ ଠେକୁଆ ରହିଥାଏ। ଧୀରେ ଧୀରେ ତା' ସହିତ ବି ଚାରି ଜଣଙ୍କର ଘନିଷ୍ଠତା ବଢ଼ିଲା। ଠେକୁଆ ନିର୍ଭୟରେ ପ୍ରସନ୍ନ ହୋଇ ଚାରିଆଡେ ଡେଇଁ ଡେଇଁ ଭାବିଲା-ଚାରିଜଣ ଶକ୍ତିଶାଳୀ ପଶୁ ଥାଉ ଥାଉ ଏବେ ଶିକାରୀ କୁକୁର ମୋର କିଛି କରିପାରିବ ନାହିଁ।

କିଛି ଦିନ ବିତିଗଲା। ହଠାତ୍ ଦିନେ ଜଙ୍ଗଲ ମଧ୍ୟକୁ ଗୋଟେ ଶିକାରୀ କୁକୁର ଆସିଲା। ଯେମିତି ଠେକୁଆ ଉପରେ ତା' ନଜର ପଡିଛି ତାକୁ ଧରିବା ଲାଗି ଗୋଡେଇଲା। ବିଚରା ଠେକୁଆ ଜୀବନ ବଞ୍ଚେଇବାକୁ ଦୌଡ଼ି ଦୌଡ଼ି ଯାଇ ଗାଈ ପାଖରେ ପହଞ୍ଚି କହିଲା-ହେ ମାତା! ଗୋଟେ ଶିକାରୀ କୁକୁର ମୋ ପଛରେ ଗୋଡେଇଛି। କୌଣସି ମୁହୂର୍ତ୍ତରେ ମୋତେ ମାରିଦେବ। ତୁମର ତ ବଡ଼ ବଡ଼ ଶିଙ୍ଘ ଅଛି। ତୁମକୁ ଦେଖିବା କ୍ଷଣି ଭୟରେ ପଳାଇବ।

ଗାଈ କହିଲା-ତୋ କଥା ଠିକ୍ ଯେ ହେଲେ ତୁ ଏଠିକୁ ଆସିବା ବିଳମ୍ବ କରିଦେଲୁ। ମୋର ଘରକୁ ଫେରିବା ବେଳ ହେଇ ଗଲାଣି। ଭୋକରେ ମୋ ବାଛଭରୀ ଖୋଜୁଥିବ। ସେଥିପାଇଁ ଶୀଘ୍ର ଯିବାକୁ ହେବ। ତୁ ଘୋଡା ନିକଟକୁ ଯା-, ସେ ତୋତେ ନିଶ୍ଚୟ ସାହାଯ୍ୟ କରିବ।

ଠେକୁଆ ଅତର୍ଛିଆ ଦୌଡ଼ି ଦୌଡ଼ି ଯାଇ ଘୋଡା ପାଖରେ ପହଞ୍ଚି କହିଲା-ଘୋଡା ଭାଇ! ମୁଁ ତୁମ ମିତ୍ର ଠେକୁଆ। ଆଜି ଗୋଟେ ଦୁଷ୍ଟ କୁକୁର ମୋତେ ଧରିବ ବୋଲି ଗୋଡେଇଛି। ମୋତେ ତୁମ ପିଠିରେ ବସେଇ ଦୂରକୁ ନେଇଚାଲ।

ଘୋଡା କହିଲା- ଏବେ ମୋ ଖୁରା ବଢିଯାଇଛି। ତୋତେ ମୋ ପିଠିରେ ବସେଇ ଶିକାରୀ କୁକୁର ଭଳି ତୀବ୍ର ଗତିରେ ଦୌଡ଼ି ପାରିବି ନାହିଁ। ବନ୍ଧୁ ଭାବେ ତୋ ପ୍ରତି ମୋର ପୂରା ସହାନୁଭୂତି ଅଛି। ହେଲେ ଆଜି ମୁଁ ତୋତେ ସହାୟତା କରିପାରିବି ନାହିଁ।

ଘୋଡାଠାରୁ ନିରାଶ ହୋଇ ସେ ତୁରନ୍ତ ଗଧ ନିକଟରେ ପହଞ୍ଚି ନିଜର ଦୁଃଖ କାହାଣୀ ଶୁଣେଇଲା। ଗଧ କହିଲା-ଆରେ ଠେକୁଆ! ତୁ ତ ଜାଣୁ ମୁଁ ପ୍ରତିଦିନ ଘୋଡା ଓ ଗାଈ ସହିତ ଘରକୁ ଫେରିଯାଏ। ଯଦି ତୋର ରକ୍ଷା ପାଇଁ ମୁଁ ଏଠି ଅଟକିଯିବି ମାଲିକ ମୋତେ ଖାଇବା-ପିଇବାକୁ ଦେବନି କି ଚରିବାପାଇଁ ଜଙ୍ଗଲକୁ ଛାଡିବନି। ତୋ ପାଇଁ ମୁଁ କିଛି ବି ସାହାଯ୍ୟ କରି ପାରିବି ନାହିଁ।

ଶେଷରେ ଠେକୁଆ ଛେଳି ନିକଟରେ ପହଞ୍ଚିଲା। ଛେଳି ତାକୁ ଦେଖିବା ମାତ୍ରେ ଗମ୍ଭୀର କଣ୍ଠରେ କହିଲା-ଏ ଠେକୁଆ! ଆଜି ତୁ ମୋଠାରୁ ଦୂରରେ ରହିବୁ। ତୋ ପଛରେ ଶିକାରୀ କୁକୁର ଗୋଡେଇଛି। ଯଦି ତୋତେ ଛାଡ଼ି ମୋତେ ଗୋଡେଇବ ମୁଁ କଣ ଆଉ ବଞ୍ଚିବି! ତୋ ଭଳି ମୁଁ ତ ତୀବ୍ର ଗତିରେ ବି ଦୌଡ଼ିପାରେ ନାହିଁ।



ଠେକୁଆ ସମସ୍ତଙ୍କଠାରୁ ନିରାଶ ହେବାପରେ ମନରେ ସାହାସ ବାନ୍ଧି ଚୁପ୍ ଚାପ୍ ଗୋଟେ ଝାଡ଼ି ଭିତରକୁ ଯାଇ ଛପିଗଲା। ଶିକାରୀ କୁକୁର ତାକୁ ଏପଟ ସେପଟ ଦୌଡ଼ି ଦୌଡ଼ି ଖୋଜି ହାଲିଆ ହୋଇ ଯିବାରୁ ସେ ସ୍ଥାନ ଛାଡି ପଳାଇଲା।

ବିପଦରେ ପଡିଥିବା ବେଳେ ବନ୍ଧୁ ବି ସହାୟତା କରିବାକୁ ମୁହଁ ବୁଲେଇନିଏ। ସେଇବଳେ ନିଜକୁ କେମିତି ସୁରକ୍ଷା କରିହେବ ବୁଦ୍ଧି ଖଟେଇ ତା'ର ଉପାୟ କଲେ ନିଶ୍ଚିୟ ସୁଫଳ ମିଳିବ।

+ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

# ଜାଣିବା ପିଲେ ଭଲ କଥାଟେ...

## ସନ୍ତୋଷ କୁମାର ଅଦାବର

ଆସରେ ପିଲେ ଜାଣିବା ଆମେ
ଭଲକଥା ଗୋଟିଏ
ଲାଜ ଓ ଭୟ ଆମରି ପଥେ
ଅନେକ ବାଧା ଦିଏ ।

ବିଦ୍ୟାଳୟରେ ଗୁରୁଜନଙ୍କ
ଶିକ୍ଷାଦାନ ସମୟେ
ଭୟ ନ କରି, ଲାଜ ନ କରି
ପଚାରିବା ନିର୍ଭୟେ ।

'ଲାଜ' ଶବଦ 'ଭୟ' ଶବଦ
ଶେଷ ଅକ୍ଷର ଦୁଇ
'ଜୟ' ଶବଦ ହୋଇଛି ପରା
ମନେରଖିବା ଭାଇ ।

'ଲାଜ' ଶବଦ 'ଭୟ' ଶବଦ
ଆଦ୍ୟ ଦୁଇ ଅକ୍ଷର
ଗଢ଼ିଛି ସତେ 'ଲାଭ' ଶବଦ
କଥାଟି ହେତୁକର ।

ଏ ଦୁହିଙ୍କର ଅନ୍ତ ଓ ଆଦ୍ୟ-
ବର୍ଣ୍ଣରେ ଏକ ଶବ୍ଦ
ଭଲ ଭାବରେ ଦେଖ ପିଲାଏ
ହୋଇଛି 'ଜୟଲାଭ' ।

ଏଣୁ ପିଲାଏ ଲାଜ ଭୟକୁ
ମନରୁ କଲେ ଦୂର
ପାଠ ପଢ଼ାରେ ଜୟଲାଭ ଯେ
ହୋଇବରେ ଆମ୍ଭର ।

ପଢ଼ା ସମୟେ ପାଠ୍ୟ ଉପରେ
ଯେତେ ସନ୍ଦେହ ଥିବ
ଲାଜ ଭୟକୁ ଛାଡ଼ିକି ପିଲେ
ଗୁରୁଙ୍କୁ ପଚାରିବ ।

ଜିଜ୍ଞାସା ଥିଲେ ଅନେକ ଜ୍ଞାନ
ପାଇପାରିବା ଜାଣ
ଲାଜ ଭୟରେ ଚୁପଚାପ୍ ଥିଲେ
ଜାଣିବା ଆମେ କ'ଣ ?

+ବୀରମହାରାଜପୁର,ସୁବର୍ଣ୍ଣପୁର

## ଯାତାୟାତରେ ବାଧକ ସାଜିଛି ଅର୍ଜୁନି ନଦୀ: ବଡମୁଲା ବାସୀଙ୍କ ସ୍ୱପ୍ନ ସାକାର କେବେ ?

ନୂଆପଡ଼ା , ୦୮/୦୫ (ନି.ପ୍ର): ବର୍ଷବର୍ଷ ଧରି ନଦୀ ଉପରେ ହେଉନି ସେତୁ । ତେଣୁ ଯାତାୟାତ ସମସ୍ୟା ଭୋଗୁଛନ୍ତି ଲୋକେ । ଖରା ବର୍ଷା ବାରମାସ ନଦୀ ପାଣି ଦେଇ ହେଉଛି ଯାତାୟାତ । ଯେତେ ଅଭିଯୋଗ କଲେ ବି ଫଳ ଶୂନ ।କ୍ଷ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବଡ଼ମୂଳା ଗାଁ ଦେଇଯାଇଥିା ଅର୍ଜୁନି ନଦୀ ଉପରେ ସେତୁ ଟିଏ ନ ଥିବାରୁ ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଗାଁର ଲୋକେ ସମସ୍ୟା ଭୋଗୁଛନ୍ତି କ୍ଷ ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ବୁଲିବାକୁ ପଡୁଛି। ନିଜ ଜମି ହେଉ କି ଗାଁ ନଦୀପାଣି ଦେଇ ଯିବାକୁ ପଡୁଛି । ଦୁଃଖ ଦେଉଛି ଅର୍ଜୁନି ନଦୀ, ଯାତାୟାତ ଅସୁବିଧାରେ ଦୁଇ ଜିଲା ବାସି । ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ଅଧିକ ବାଟ ପଡୁଛି । ବର୍ଷବର୍ଷ ଧରି ହେନି ସେତୁ, ନଦୀପାଣି ଦେଇ ହେଉଛି ଯାତାୟାତ । ବଡ଼ମୂଳା ଗାଁ ନିକଟ ଦେଇ ଯାଇଥିବା ଅର୍ଜୁନି ନଦୀ । ଏହି ନଦୀରେ ବାରମାସ ପାଣି ଚାଲୁଛି । ହେଲେ ନଦୀ ପାର ହେବାକୁ ପାଣି ଦେଇ ପାର ହେଉଛନ୍ତି ପିଲା ଠୁ ବୁଢ଼ା । କିଏ ସାଇକେଲକୁ ବୋହି ତ କିଏ ଅତି ସାବଧାନରେ ନଦୀ ପାର ହେଉଛନ୍ତି । ଏମିତି ବାରମାସ ନଦୀ ପାର ହୋଇ ଯିବାକୁ ପଡୁଛି । ଖଡ଼ିଆଳ ବ୍ଲକ ଅଫିସ କି ଡାକ୍ତରଖାନା ଯିବାକୁ ହେଲେ ବହୁ ବାଟ ବୁଲି କି ଯିବାକୁ ପଡୁଛି । ଏହି ନଦୀରେ ସେତୁ ହେଲେ ଯାତାୟାତ ସହଜ ହୁଅନ୍ତା । ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବୀ ହୋଇଛି । ଦୁଇ ଜିଲା ସୀମାନ୍ତ ପାଖରେ ଯାଇଥିବା ଅର୍ଜୁନି ନଦୀ ବିଭିନ୍ନ ଗାଁର ଲୋକଙ୍କ ଯାତାୟାତ ପାଇଁ ସେତୁ ଟିଏ ଆବଶ୍ୟକ ହେଉଛି । ହେଲେ ଯେତେ ଦାବୀ ଅଭିଯୋଗ କଲେ ବି ଫଳ ଶୂନ । ନଦୀ ସେପଟେ ଅନେକ ଗାଁ ସାଙ୍ଗକୁ ଖଡ଼ିଆଳ ବ୍ଲକ ସଦରମହକୁମାକୁ ସିଧା ସଳଖ ସଂଯୋଗ ଏବଂ ଚାଷ ଜମି ମଧ୍ୟ ରହିଛି । ସ୍କୁଲ କଲେଜ ପିଲା ମଧ୍ୟ ଯାତାୟାତ ଅସୁବିଧା ଯୋଗୁଁ ବୁଲି କି ଯାଉଛନ୍ତି । ଏହି ନଦୀ ରେ ସେତୁ ଟିଏ ହେଲେ ଲୋକେ ସହଜ ରେ ଯାତାୟାତ କରିବା ପାଇଁ ଅଳ ବାସି ଦାବୀ କରୁଛନ୍ତି । ଅପରପକ୍ଷ ରେ ଆମେ ଏବାବଦ ରେ ନୂଆପଡା ଏଡିଏମ ସୁବାସ ଚନ୍ଦ୍ର ରଇତଙ୍କୁ ପଚାରିବାରୁ ଆପଣଙ୍କ ଠାରୁ ଖବର ପାଇଛୁ ଅନୁଧାନ କରି ତୁରନ୍ତ ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି । ଦୀର୍ଘ ବର୍ଷ ହେଲା ଯାତାୟାତ ସମସ୍ୟା ଭୋଗୁଛନ୍ତି ବଡମୁଲା ସହ ଆଖପାଖ ଅଂଚଳର ହଜାର ହଜାର ଲୋକ, ହେଲେ ସମସ୍ୟାର ସମାଧାନ ହେଉନି । ପୂର୍ବ ବିଜେଡି ସରକାର ସମୟରେ ଅନେକ ପ୍ରତିଶୃତି ପାଣିର ଗାର ହୋଇ ରହିଯାଇଥିବା ବେଳେ ନୂଆ ସରକାର ଏଥି ପ୍ରତି ଦୃଷ୍ଟି ଦେବେ ବୋଲି ଲୋକେ ଆଶା ବାନ୍ଧିଛନ୍ତି । ହେଲେ କେବେ ପ୍ରଶାସନ ସହ ରାଜ୍ୟ ସରକାର ଏଥିପ୍ରତି ଧାନ ଦେଉଛନ୍ତି ସେ ଉପରେ ସମସ୍ତଙ୍କ ନଜର ।

## ବିନା ସୂଚନା ଫଳକରେ ନିର୍ମାଣ ହେଉଛି ପ୍ରକଳ୍ପ କାର୍ଯ୍ୟ: କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସନ୍ଦେହ

ସାଲେପୁର, ୦୮/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଜଳସମ୍ପଦ ବିଭାଗର ଜ୍ଞାତସାରରେ ବିନା ସୂଚନା ଫଳକରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟଚାଲିଥିବାର ଅଭିଯୋଗ ହୋଇଛି । ଏହି ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା କାରଣରୁ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ୮ନମ୍ବର ସି ହାଫ କେନାଲ ରକ୍ଷଣା ବେକ୍ଷଣା ଦାୟୀତ୍ୱ ରହିଛି । ଏହି କେନାଲର ଭୁବନ ପୋଲ ଠାରୁ ସୁନାଇଲୋ ପର୍ଯ୍ୟନ୍ତ କଂକ୍ରିଟ ଓ ଲାଇନିଂ କାର୍ଯ୍ୟ କରାଯିବା ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇଛି । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି । ତେବେ ଏହି ପ୍ରକଳ୍ପ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ଏସମ୍ପର୍କରେ କୌଣସି ସୂଚନା ଫଳକ ଦିଆଯାଇ ନଥିବାରୁ ଲୋକେ ପ୍ରକଳ୍ପ ବାବଦରେ ଅନ୍ଧାର ଘରରେ ରହିଥିବାର ଅଭିଯୋଗ ହୋଇଛି । ଠିକାଦାର ଅଟକଳ ଅନୁଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁନଥିବାର ଅଭିଯୋଗ ହୋଇଛି । ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଠିକାଦାର ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ କରିଚାଲିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗର କୌଣସି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ସରକାରଙ୍କ ଶ୍ରମ ଆଇନକୁ ଖୋଲାଖୋଲି ଭାବେ ଠିକାଦାର ଉଲଙ୍ଘନ କରୁଥିବାର ଅଭିଯୋଗ ହୋଇଛି । ଢୁ ଢୁ ଖରାବେଳେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଶ୍ରମିକ ମାନେ ନିୟୋଜିତ ହେଉଥିବାର ଦେଖାଯାଇଛି । ସେହିପରିଭାବେ ଏହି ପ୍ରକଳ୍ପରେ କୌଣସି ସୋଠ ନିର୍ମାଣ କରାଯାଉନଥିବା କାରଣରୁ ଭବିଷ୍ୟତରେ ଜମିକୁ ପାଣି ଯିବା ନେଇ ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି । ତେବେ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପରେ ସୋଠ ନିର୍ମାଣ କରାନଯିବା କାହା ସ୍ୱାର୍ଥରେ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି । ତେବେ ଏହି ପ୍ରକଳ୍ପ ଉପରେ ସ୍ଥାନୀୟ ବୁହାଲୋ ସରପଡା ପ୍ରଭୃତି ଗ୍ରାମପଂଚାୟତର ଶହ ଶହ ଚାଷୀ ନିର୍ଭର କରିଥାନ୍ତି । ଏହି ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କରାଇବା ପାଇଁ ଚାଷୀ ମହଲରେ ଦାବି ହୋଇଛି ।

## ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ ଉପରେ ସଚେତନତା ଶିବିର

ସୁବର୍ଣ୍ଣପୁର, ୦୮/୦୫ (ନି.ପ୍ର): ଗୁରୁବାର ଦିନ ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ ଉପରେ ଏକ ସଚେତନତା ଶିବିର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଜିଲ୍ଲାପାଳ ଡଃ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ବଳ ବ୍ୟକ୍ତିତ୍ୱ ଆର୍. କେ. ଶର୍ମା ଆଇନ ସମ୍ପର୍କରେ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଇବା ସହ ଏହାକୁ କିପରି ଲାଗୁ କରାଯିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଓଡିଶା ସରକାର ଏହି ନିୟମକୁ ୨୦୧୮ ମସିହାରେ ଲାଗୁ କରିଥିଲେ। ଶିବିରରେ ସଚେତନ କରାଯାଇଥିଲା ଯେ ୨୧ ପ୍ରକାରର ଭିନ୍ନକ୍ଷମତା ଅଛି। ତନ୍ମଧ୍ୟରୁ ୧୪ ପ୍ରକାରର ଭିନ୍ନକ୍ଷମତା ରୋଜଗାର ଓ ଚାକିରୀରେ ଆରକ୍ଷଣ ରହିଛି। ଶତକଡା ୪ ଭାଗ ଚାକିରୀରେ ଆରକ୍ଷଣ ପାଇଁ ରଖାଯାଇଛି। ଏହାଛଡା ପ୍ରତି ଘଣ୍ଟାରେ ୨୦ ମିନିଟ ଅତିରିକ୍ତ ସମୟ ପରୀକ୍ଷାରେ ପ୍ରଶ୍ନର ଉତ୍ତର ଦେବା ପାଇଁ ମିଳିଥାଏ। ଭିନ୍ନକ୍ଷମମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ ୫ ଜଣରେ ଏକ ଗୋଷ୍ଠୀ ଗଠିତ ହେବ।

## ସମ୍ବଲପୁର ଜିଲ୍ଲା ବିଜେପି ମଣ୍ଡଳ ପ୍ରଭାରୀଙ୍କ ନାମ ଘୋଷଣା

ସମ୍ବଲପୁର, ୦୮/୦୫ (ନି.ପ୍ର): ଓଡ଼ିଶା ପ୍ରଦେଶ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଆଜି ସମ୍ବଲପୁର ଜିଲ୍ଲାର ସମସ୍ତ ୨୭ଟି ମଣ୍ଡଳର ମଣ୍ଡଳ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ମୁତାବକ, ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୬ଟି ମଣ୍ଡଳ ପାଇଁ ସୁଶାନ୍ତ ପୁରୋହିତଙ୍କୁ ସମଲେଶ୍ୱରୀ ମଣ୍ଡଳ, ଅଶ୍ୱିନୀ ସ୍ୱାଇଁଙ୍କୁ ହୀରାକୁଦ ମଣ୍ଡଳ, ନିରଞ୍ଜନ କିଶୋର ଦାସଙ୍କୁ ମହାନଦୀ ମଣ୍ଡଳ, ଅନିଲ ବେହେରାଙ୍କୁ ବୁର୍ଲା ମଣ୍ଡଳ, ସମୀର ରଞ୍ଜନ ବାବୁଙ୍କୁ ସାକ୍ଷୀଗୋପିନାଥ ମଣ୍ଡଳ, ଫଣୀ ଭୂଷଣ ମିଶ୍ରଙ୍କୁ ବୀର ବିର୍ସାମୁଣ୍ଡା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି।

ସେହିପରି ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୬ଟି ମଣ୍ଡଳ ପାଇଁ ପ୍ରଶାନ୍ତ ବାରିକଙ୍କୁ ରେଙ୍ଗାଲି ମଣ୍ଡଳ, ନବୀନ ପ୍ରଧାନଙ୍କୁ ଲଇଡା ମଣ୍ଡଳ, ସୁଧୀର କୁମାର ଗୁପ୍ତାଙ୍କୁ ଶାସନ ମଣ୍ଡଳ, ଆଶିଷ ହୋତାଙ୍କୁ ଗୋଶାଳା ମଣ୍ଡଳ, ପ୍ରକାଶ କୁମାର ପ୍ରଧାନଙ୍କୁ ପରମାଣପୁର ମଣ୍ଡଳ, ଦାମୋଦର କରଙ୍କୁ ମାନେଶ୍ୱର ମଣ୍ଡଳର ଦାୟିତ୍ୱ ପ୍ରଦାନ କରାଯାଇଛି । ତଦନୁସାରେ, ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୮ଟି ମଣ୍ଡଳ ପାଇଁ ନେତ୍ରାନନ୍ଦ ରାଉଳଙ୍କୁ ନାକଟିଦେଉଳ ମଣ୍ଡଳ, ପ୍ରମୋଦ କୁମାର ସାହୁଙ୍କୁ କିସିଣ୍ଡା ମଣ୍ଡଳ, ବିଚିତ୍ରାନନ୍ଦ ସାହୁଙ୍କୁ ଚାରମାଳ ମଣ୍ଡଳ, ରାଜା ପାଲଙ୍କୁ ରେଢ଼ାଖୋଲ ନଗର ମଣ୍ଡଳ, ପ୍ରତାପ ପ୍ରଧାନଙ୍କୁ ସନ୍ଥକବି ଭୀମଭୋଇ ମଣ୍ଡଳ, ସସ୍ମିତା ଦେହୁରୀଙ୍କୁ ଯୁଯୁମୁରା ମଣ୍ଡଳ, ନମ୍ରସକାନ୍ତ ପଟ୍ଟନାୟକଙ୍କୁ ପଡ଼ିଆବାହାଲ ମଣ୍ଡଳ, ସନ୍ତୋଷ କୁମାର ହସ୍ତୀଙ୍କୁ ହୁମା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି ।

ସେହିପରି କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୭ଟି ମଣ୍ଡଳ ପାଇଁ ବୀରେନ୍ଦ୍ର କୁମାର ଚୌଧୁରୀଙ୍କୁ କେସେଇବାହାଲ ମଣ୍ଡଳ, ବିରଂଚି ନାରାୟଣ ଦର୍ଣ୍ଣା ଓ ରୁଦ୍ର ପ୍ରତାପ ଦେଓଙ୍କୁ ବାମରା ମଣ୍ଡଳ, ଦୁଷ୍ମନ୍ତ ନାୟକଙ୍କୁ କୁଚିଣ୍ଡା ନଗର ମଣ୍ଡଳ, ବିଭୂତି କଲ୍ୟାଣ ପଟେଲ ଓ ମମତା ପଟେଲଙ୍କୁ ଚୈତ୍ରା ମଣ୍ଡଳ, ସୁନୀଲ କୁମାର ଦାସ ଓ ସୁଶାନ୍ତ କୁମାର କେରକେଟାଙ୍କୁ ଗୁଦଗୁଦା ମଣ୍ଡଳ, ଦୀପକ କୁମାର ପଟେଲ ଓ ସୁନୀଲ କୁମାର ମୁଦୁଲୀଙ୍କୁ ଗୁଣ୍ଡୁରୁଚୂଆଁ ମଣ୍ଡଳ, ନରେଶ ସିଂ ଠାକୁର ଓ ଅରୁଣ କୁମାର ପଟେଲଙ୍କୁ ଜମନକିରା ମଣ୍ଡଳର ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି । ବିଜେପିର ସାଙ୍ଗଠନିକ ନିୟମାନୁସାରେ ଜଣେ ଜିଲ୍ଲା ପଦାଧିକାରୀ ମଣ୍ଡଳ ପ୍ରଭାରୀ ଦାୟିତ୍ୱରେ ରହିପାରିବେ। ମଣ୍ଡଳ ଓ ଜିଲ୍ଲା ମଧ୍ୟରେ ଏହି ପ୍ରଭାରୀ ମାନେ ସେତୁ ଭଳି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବିଜେପିର ସାଙ୍ଗଠନିକ ବିସ୍ତାରରେ ଏହା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ପୂର୍ବତନ ବିଧାୟକ ନାଉରୀ ନାୟକ କହିଛନ୍ତି ।

## ଜଳ ସଂରକ୍ଷଣ ପାଇଁ ପଥପ୍ରାନ୍ତ ନାଟକ

କେନ୍ଦ୍ରାପଡ଼ା, ୦୮/୦୫ (ନି.ପ୍ର): ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟ ଓଡ଼ିଶା ଦ୍ୱାରା ଆୟୋଜିତ ଛାତ ଉପରେ ଜଳ ସଂରକ୍ଷଣ କରିବା ପାଇଁ ବିଭିନ୍ନ ଯୋଜନା କରାଯାଉଛି। ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଛାତ ଯୋଜନା ଉପରେ ଆଧାରିତ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ଜଳ ଅଛି ତ କାଲି ଅଛି ପଥପ୍ରାନ୍ତ ନାଟକ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ପଥପ୍ରାନ୍ତ ନାଟକ ଦ୍ୱାରା ଜଳକୁ ସଂରକ୍ଷଣ କରିବା ସହିତ ଛାତ ଉପରେ ବର୍ଷା ଜଳ ଅମଳ ଓ ଭୂତଳ ଜଳ ପୁର୍ଣ୍ଣଭରଣ ପାଇଁ ଜନସାଧାରଣଙ୍କୁ ସଚେତନତା କରି ଜଳକୁ ସଂରକ୍ଷଣ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହାଦ୍ୱାରା ଭବିଷ୍ୟତ ପିଢିଙ୍କ ପାଇଁ ଜଳ ସଂରକ୍ଷଣ ହୋଇପାରିବ ବୋଲି ପଥପ୍ରାନ୍ତ ନାଟକ ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯାଉଛି।

## ଓବିସି ଜାତିଭିତ୍ତିକ ଜନଗଣନା କରନ୍ତୁ ସରକାର: ଓବିସି ମଞ୍ଚ

ବଲାଙ୍ଗିର, ୦୮/୦୫ (ନି.ପ୍ର): ଓବିସି ମଞ୍ଚ ବଲାଙ୍ଗିରର ପ୍ରତିନିଧି ଦଳ, ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଞ୍ଚ ବଲାଙ୍ଗିରଙ୍କ ନେତୃତ୍ୱରେ, ବଲାଙ୍ଗୀର ତହସିଲଦାରଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାରତ ସରକାର ଗତ ଜାନୁଆରୀ ମାସ ୩୦ ତାରିଖର କେନ୍ଦ୍ର କେବିନେଟ ନିଷ୍ପତ୍ତି କ୍ରମେ ୨୦୨୬ ଜନଗଣନାରେ ଜାତିଭିତ୍ତିକ ଓବିସି ବର୍ଗର ଜନଗଣନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମିଥ୍ୟ ପ୍ରମାଣିତ ହୋଇଛି। ବର୍ତ୍ତମାନର ଗୃହ ଗଣନା ଯାହା ଜନଗଣନାର ପ୍ରଥମ ସୋପାନ, ସେଥିରେ ୩୩ଟି ପ୍ରଶ୍ନର ଉତ୍ତର ଗୃହକର୍ତ୍ତା ଦେବେ । ପ୍ରଶ୍ନ ନମ୍ବର ୧୨ ରେ ଗୃହ କର୍ତ୍ତାଙ୍କ ଜାତି କ'ଣ ବୋଲି ଏଥିରେ ଉଲ୍ଲେଖ ଅଛି, ଏଥିରେ ଏସ୍ ଟି, ଏସ୍ ସି ଏବଂ ଅନ୍ୟାନ୍ୟ ବୋଲି ସୂଚିତ ଅଛି ଯାହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହିଛି। ଓବିସି ବୋଲି ପଚାରି ଥିଲେ ପରବର୍ତ୍ତୀ ସମୟରେ ଓବିସି ବର୍ଗର ଲୋକଙ୍କ ଗଣନା ହୋଇପାରିଥାନ୍ତା, କିନ୍ତୁ ସେପରି ହୋଇନାହିଁ। ସରକାର ଓବିସି ଜନସାଧାରଣଙ୍କ ସହିତ ପ୍ରତାରଣା କରୁଛି। ଏଣୁ ଓବିସି ବର୍ଗର ଲୋକମାନେ ଏହି ଜନଗଣନାକୁ ଗ୍ରହଣ କରିପାରୁନାହାନ୍ତି।

## ୩୭ ଦିନରେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପଦଯାତ୍ରା

ପୁରୀ, ୦୮/୦୫ (ନି.ପ୍ର): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ଗୁରୁବାର ୩୭ ଦିନରେ ପଦାର୍ପଣ କରିଛି । ଏହା ଏକ ଅଦ୍ଭୁତ ଭାବନାର ସ୍ରୋତରେ ପରିଣତ ହୋଇଛି। ଏହା କେବଳ ପଦଯାତ୍ରା ନୁହେଁ, ବରଂ ଏହା ପୁରୀ ସହର ଓ ସଦରବାସୀଙ୍କ ହୃଦୟର ଅନୁଭୂତି, ନିରବ ବେଦନା ଓ ଅତୁଟ ଆସ୍ଥାର ଏକ ସଂଗଠିତ ଉଚ୍ଚାରଣ। ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଗତ ଅପ୍ରେଲ ୧ ତାରିଖ ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତ୍ୟହ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଯାଇ ପହଞ୍ଚିବା ବେଳେ ମନେ ହେଉଛି ପ୍ରତ୍ୟେକ ପଦକ୍ଷେପ ମାଟିକୁ ନୁହେଁ, ଭଗବାନଙ୍କ ପାଦପଦ୍ମକୁ ସ୍ପର୍ଶ କରୁଛି। "ଜୟ ଜଗନ୍ନାଥ" ଧ୍ୱନିରେ ଗୁଞ୍ଜରି ଉଠୁଥିବା ପଥରେ ଭକ୍ତିର ତୀବ୍ରତା ସହିତ ମିଶିଥିଲା ଅଧିକାର ହରାଇବାର ଅନୁଭୂତ ବେଦନା । ଏକ ଏମିତି ମିଶ୍ରଣ, ଯାହା ହୃଦୟକୁ ଛୁଇଁଯାଏ। ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୁହିକ ସଂକଳ୍ପରେ ପରିଣତ କରିଛି। ଏଠାରେ ଭକ୍ତି କେବଳ ଭାବନା ନୁହେଁ ଏହା ନ୍ୟାୟ ପାଇଁ ଏକ ଶାନ୍ତ କିନ୍ତୁ ଅଦମ୍ୟ ଆନ୍ଦୋଳନ।

ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ଏକତ୍ର ଅଂଶଗ୍ରହଣ ଏହି ଯାତ୍ରାକୁ ଦେଇଛି ଜୀବନ। ପ୍ରତ୍ୟେକ ମୁହଁରେ ଭକ୍ତିର ଆଲୋକ, ପ୍ରତ୍ୟେକ ହୃଦୟରେ ଏକ ଅଦୃଶ୍ୟ ପ୍ରାର୍ଥନା—"ପ୍ରଭୁ, ଆମକୁ ଆମ ଅଧିକାର ଫେରେଇ ଦିଅ।" ୩୭ ଦିନ ପରେ ମଧ୍ୟ ଏହି ପଦଯାତ୍ରାର ଉତ୍ସାହ ଶିଥିଳ ହୋଇନାହିଁ; ବରଂ ପ୍ରତ୍ୟେକ ଦିନ ସହିତ ଏହା ଆହୁରି ଗଭୀର ହେଉଛି। ଏହା ଏକ ଏମିତି ଯାତ୍ରା, ଯେଉଁଥିରେ ଆସ୍ଥା ଅଶ୍ରୁରେ ଭିଜେ, ବେଦନା ସଂକଳ୍ପରେ ପରିଣତ ହୁଏ ଏବଂ ଅଧିକାର ପାଇଁ ମନୁଷ୍ୟ ନିଜେ ଦୃଢ଼ ହୋଇଉଠେ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସରସ୍ୱତୀ ପାତ୍ର, ଶୁକାନ୍ତ ପଣ୍ଡା, ଅରୁଣା ପଟ୍ଟନାୟକ, ମୀନାକ୍ଷୀ ଦାସ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, କିଶୋର ଦାସ, ସନ୍ଧ୍ୟାରାଣୀ ମିଶ୍ର, ଜଗନ୍ନାଥ ମହାନ୍ତି, ପ୍ରଣତି ରାୟ, ସୂର୍ଯ୍ୟ ନାରାୟଣ ରଥ, ଯାଦବା ବନ୍ଦ ରାୟ, ସନ୍ତୋଷ ସେନାପତି, ରାମକୃଷ୍ଣ ମହାନ୍ତି, ପଙ୍କଜିନୀ ପ୍ରଧାନ, ପ୍ରାନ୍ତସେନି ଜେନା, ରମେଶ ଚନ୍ଦ୍ର ନାୟକ,ମନୋଜ ସାମଲ, ଶୁଭଶ୍ରୀ ମହାରଣା, ଲିନା ଦାସ, ବିପାଶା ସିଂ, ବର୍ଷା ସାହୁ, ବୈଶାଳୀ ପ୍ରଧାନ, ସଞ୍ଜୟ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଅଭିମନ୍ୟୁ ପ୍ରଧାନ, ଇଚ୍ଛା ଦାସ, ରାଜା ମହାନ୍ତି, ଭାରତୀ ମେହେର, ସୁରେନ୍ଦ୍ରନାଥ ରାଉତରାୟ, ଶାଳିନୀ ପ୍ରଧାନ, ଓ ଲିଙ୍ଗରାଜ ସାହୁ,ପ୍ରମୁଖ ସାମିଲ ଥିଲେ ତଥା ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା।

ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ କୁମାର ପଣ୍ଡା କରିଥିଲେ। ସେ କହିଥିଲେ ଯେ, ଏହି ଯାତ୍ରା ଥମିବ ନାହିଁ, ଯେପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନହୋଇଛି। ଏହା କେବଳ ଏକ ଦାବି ନୁହେଁ—ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ।

## ୭୦ କୋଟି ଟଙ୍କାର ଗଞ୍ଜେଇ ଜବତ: ଆଗକୁ ପୋଲିସ ପାଇଁ ନୂଆ ଚ୍ୟାଲେଞ୍ଜ

କନ୍ଧମାଳ, ୦୮/୦୫ (ନି.ପ୍ର): ନିଶା କାରବାର ବିରୋଧରେ କନ୍ଧମାଳ ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ସ୍ପେସାଲ୍ ଡ୍ରାଇଭ୍ । ୭୦ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି କନ୍ଧମାଳ ପୋଲିସ୍ । ଜିଲ୍ଲାରୁ ବେଆଇନ୍ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ ରୋକିବା ପାଇଁ ଚାଲିଛି ଜୋରଦାର୍ ଅପରେସନ୍ । ୪ ମାସ ମଧ୍ୟରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଚଢ଼ଉ କରି ୬୮ ହଜାର ୭ଶହ ୨୩ କେଜି ୨୬୦ ଗ୍ରାମ୍ ବେଆଇନ୍ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୧୦୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍ । ଗିରଫଙ୍କ ମଧ୍ୟରେ ୯୩ ଜଣ ଅଭିଯୁକ୍ତ ପୁରୁଷ ଥିବା ବେଳେ ୧୧ ଜଣ ମହିଳା ଅଭିଯୁକ୍ତ ହୋଇଥିବା ସୂଚନା ମିଳିଛି । ବେଆଇନ୍ ଗଞ୍ଜେଇ ଚୋରା ଚାଲାଣରେ ନିୟୋଜିତ ୩୮ଟି ଗାଡ଼ି ଜବତ କରିଛି ପୋଲିସ୍ । ଯେଉଁଥିରେ ୧୨ଟି ଦୁଇଚକିଆ, ୫ଟି ୩ ଚକିଆ ଓ ୨୧ଟି ୪ ଚକିଆ ଗାଡ଼ି ରହିଥିବା ଜଣାପଡ଼ିଛି । ଏହି ଅପରେସନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ଏବଂ କନ୍ଧମାଳ ଜିଲ୍ଲାକୁ ନିଶାମୁକ୍ତ କରିବା ଆମର ଲକ୍ଷ୍ୟ। ଏଥିସହିତ ଯେଉଁମାନେ ଏହି ନିଶା କାରବାରରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ସମ୍ପତି ବାଜ୍ୟାପ୍ତି କରାଯିବ ବୋଲି କହିଛନ୍ତି ବାଲିଗୁଡ଼ା ଏସଡିପିଓ ସୁଭମ୍ ଭୋଷଲେ ।ଆଗକୁ ଗଞ୍ଜେଇ ଚାଷ ଓ ଚାଲାଣ ରୋକିବା କନ୍ଧମାଳ ପୋଲିସ୍ ପାଇଁ ଅଧିକ ସହଜ ହେବା ନେଇ ଅନୁମାନ କରାଯାଇଛି। ଏଥି ପୂର୍ବରୁ ଜିଲ୍ଲାରେ ମାଓବାଦୀ ମାନଙ୍କ ଦ୍ୱାରା ଏହି ବେଆଇନ୍ କାରବାରକୁ ସୁରକ୍ଷା ମିଳୁଥିଲା ହେଲେ ବର୍ତ୍ତମାନ ଜିଲ୍ଲାରେ ମାଓ ଗତିବିଧି ଶେଷ ପ୍ରାୟ ଭଳି ସ୍ଥିତି, ପୋଲିସ୍ କୁ ଯଥେଷ୍ଟ ସୁହାଇବା ନେଇ ମଧ୍ୟ ଅନୁମାନ କରାଯାଏ। ହେଲେ ଗଞ୍ଜେଇ ମାଫିଆମାନେ ନିଜର କାରବାରକୁ ସୁରକ୍ଷା ଦେବା ପାଇଁ ନିଜେ ଅଂଟା ଭିଡିବା ନେଇ ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ଆଗକୁ ଏହାକୁ ସାମ୍ନା କରିବା ପାଇଁ ମଧ୍ୟ ପୋଲିସ୍ ସଜାଗ ରହିବାକୁ ପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲାଇବ୍ରେରିଏନ୍ ଡ. ଶିବ ପ୍ରସାଦ ତ୍ରିପାଠୀଙ୍କ ଅବସର ଗ୍ରହଣ

ବଲାଙ୍ଗୀର, ୦୮/୦୫ (ନି.ପ୍ର): ୧୯.୧୦ ୧୯୮୪ରୁ ଆଜିଯାଏ କାର୍ଯ୍ୟରତ ଥିବା ଲୋଇସିଂହା କଲେଜ୍ ର ଗ୍ରନ୍ଥାଗାରିକ(ଲାଇବ୍ରେରିଏନ୍) ଡ଼ଃ ଶିବ ପ୍ରସାଦ ତ୍ରିପାଠୀ ଆଜି କର୍ମ କ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି। ସେ ଜଣେ ମିଷ୍ଟ ଭାଷୀ ପର ଉପକାରୀ ଏବଂ ସ୍ନେହ ବତ୍ସଲ୍ୟ ବ୍ୟକ୍ତିତ୍ୱ। ତାଙ୍କର ଏହି ବିଦାୟ ଦିବସ ରେ କଲେଜ୍‌ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ୱତଃ ପ୍ରବୃତ ଭାବରେ ତାଙ୍କର ସଂଖ୍ୟାଧିକ ପୁରାତନ ଛାତ୍ର ଛାତ୍ରୀ ପୁରାତନ ସହକର୍ମୀ ଅଧ୍ୟାପକ ଅଧ୍ୟାପିକା ତଥା ବର୍ତ୍ତମାନର କାର୍ଯ୍ୟରତ ଅଧ୍ୟକ୍ଷଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ଡଃ ତ୍ରିପାଠୀଙ୍କ ଗୁଣ ଗାନ କରି ଭବିଷ୍ୟତ ଜୀବନ ଉଜ୍ଜଳମୟ ପାଇଁ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ। ବକ୍ତବ୍ୟ ରେ କଲେଜ୍‌ର ଅଧ୍ୟକ୍ଷ କହିଥିଲେ ଯେ ସାର୍‌ଙ୍କ ସ୍ଥାନ ଅପୂରଣୀୟ ହୋଇ ରହିବ, ତାଙ୍କ ପରି କର୍ତବ୍ୟ ପରାୟଣ ଏବଂ ପରୋପକାରୀ ବ୍ୟକ୍ତି ବିରଳ। କଲେଜ୍ ତାଙ୍କ ପରି ଏକ ବ୍ୟକ୍ତିଙ୍କୁ ପାଇ ଧନ୍ୟ ହୋଇଥିଲା। ସୁଖର କଥା ଆଜିର ଏହି ଦିବସ ରେ କଲେଜ୍ କର୍ତୁପକ୍ଷ ଡଃ ତ୍ରିପାଠୀଙ୍କ ଧର୍ମପତ୍ନୀ ଅଧ୍ୟାପିକା ଶ୍ରୀମତୀ ଚନ୍ଦ୍ରପ୍ରଭା ମିଶ୍ରଙ୍କୁ ମଧ୍ୟ ଆମନ୍ତ୍ରଣ କରିଥଲେ, ଶେଷରେ ଉଭୟଙ୍କୁ ପୁରାତନ ଛାତ୍ର ଛାତ୍ରୀ, ପୁରାତନ ସହକର୍ମୀ ତଥା କଲେଜ୍‌ର କର୍ତୃପକ୍ଷ ଉପଢ଼ୌକନ ମାନପତ୍ର ତଥା ପୁଷ୍ପ ମାଲ୍ୟଦେଇ ସମ୍ବର୍ଦ୍ଧିତ ପୂର୍ବକ ସାର୍‌ଙ୍କ ଭବିଷ୍ୟତ ଜୀବନ ଉଜ୍ଜଳମୟ ହେବାପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରି ଭାବପୂର୍ଣ୍ଣ ବିଦାୟ ଦେଇଥିଲେ,ଡଃ ତ୍ରିପାଠୀ ମଧ୍ୟ ଭାବ ବିହ୍ୱଳ ହୋଇ କହିଥିଲେ ମୁଁ କର୍ମରୁ ଅବସର ନେଲେ ସୁଦ୍ଧା ମନରୁ ମୋ କର୍ମ କ୍ଷେତ୍ରରୁ ବିଦାୟ ନେଇ ପାରିବି ନାହିଁ ପୂର୍ବବତ ମୋରଯାହା ଆବଶ୍ୟକ ପଡ଼ିବ କଲେଜ୍ ପାଇଁ ଆକୁଣ୍ଠ ସାହାଯ୍ୟ ପ୍ରଦାନ କରିବି।

## ପୁରୀରେ ମାତ୍ର ୧୬ ହୋଟେଲକୁ ମିଳିଛି ସରକାରୀ ଅନୁମତି: ବେଆଇନ ଭାବେ ଶତାଧିକ ଲଜିଂ, ହଲିଡେ ହୋମ

ପୁରୀ, ୦୮/୦୫ (ନି.ପ୍ର): ପୁରୀ ସହର ଓ ଏହାର ଉପକଣ୍ଠରେ ଏକ ହଜାରୁ ଅଧିକ ହୋଟେଲ ଓ ଲଜିଂ ରହିଛି । ପିକେଡିଏ ମାତ୍ର ୧୬ଟି ହୋଟେଲ ଓ ଲଜିଂକୁ କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଛି । ବାକି ହୋଟେଲ ଓ ଲଜିଂ ବେଆଇନ୍ ଭାବେ ଚାଲିଛି । ୨୦୧୦ ମସିହାରୁ ୨୦୨୫ ମସିହା ମଧ୍ୟରେ ଏହି ତଥ୍ୟ ପ୍ରସ୍ତୁତ କରିଛି ପିକେଡିଏ । ୧୬ଟି ହୋଟେଲକୁ ଛାଡିଦେଲେ ପୁରୀରେ ଯେତେ ସବୁ ହୋଟେଲ ଚାଲୁଛି ସେଗୁଡିକ ବେଆଇନ୍ । ପିକେଡିଏ ସେଗୁଡିକୁ ଅନୁମତି ଦେଇନାହିଁ । ତେଣୁ ସେଗୁଡିକ ବେଆଇନ୍ ଭାବେ ଅଥବା ଆଇନ୍ ଉଲ୍ଲଙ୍ଘନ କରି କାର୍ଯ୍ୟ କରୁଛନ୍ତି । ତେଣୁ ଏହି ହୋଟେଲ ଗୁଡିକରେ ଯଦି କୌଣସି ଅଘଟଣ ଘଟେ ସେଥିପ୍ରତି କିଏ ଦାୟୀ ରହିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପିକେଡିଏରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୫ ମସିହା ଏହି ୧୫ ବର୍ଷ ମଧ୍ୟରେ ମାତ୍ର ୧୫ଟି ହୋଟେଲ ଓ ଲଜିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେବଳ ସେମାନଙ୍କୁ ନୋଟିସ ଦିଆଯାଇଛି। ହେଲେ ଏହାଠାରୁ ଅଧିକ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ସେହିପରି ପୁରୀରେ ମାତ୍ର ୧୫ଟି ମାର୍କେଟ୍ କମ୍ପ୍ଲେକ୍ସ ଓ ୩ଟି ମ୍ୟାରେଜ ମଣ୍ଡପ ରହିଛି । ପୁରୀରେ ଶତାଧିକ ମ୍ୟାରେଜ ମଣ୍ଡପ ବେଆଇନି ଭାବେ ରହିଛି । ସରକାରୀ ରେକର୍ଡରେ ମାତ୍ର ୩ଟି ବିବାହ ମଣ୍ଡପ ରହିଛି । ବାକି ବିବାହ ମଣ୍ଡପ ଗୁଡିକ ବେଆଇନ୍ ଭାବେ ଚାଲିଛି ବୋଲି ଅଭିଯୋଗ ହୋଇଛି । ପୁରୀ ସହରରେ ୧୦୦୦ ରୁ ଉର୍ଦ୍ଧ୍ୱ ହୋଟେଲ କ୍ୱେଳ ବେଆଇନି ବା ସରକାରୀ ନିୟମ ଭାଙ୍ଗି ଚାଲୁଛି ତାହା ନୁହେଁ ବରଂ ଏହି ହୋଟେଲ ମାନଙ୍କରେ ଅଗ୍ନୀ ନିରାପତା, ବିଦ୍ୟୁତ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ପ୍ରମାଣ ପତ୍ର ନାହିଁ କି ନିଜସ୍ୱ ପାର୍କିଂ ସ୍ଥାନ ବି ନାହିଁ । ଗତ ୨୦୨୩ ମସିହା ରେ ଘଟିଥିବା ସମ୍ରାଟ ମାର୍କେଟ କମ୍ପ୍ଲେକ୍ସ ଭୟଙ୍କର ଅଗ୍ନିକାଣ୍ଡ ପରେ ଏହି ସାଙ୍ଘାତିକ ତଥ୍ୟ ସାମନା କୁ ଆସିଥିଲା । ୨୦୧୭ ମସିହାରୁ ବେଆଇନି ଭାବେ ଚାଲୁଥିବା ଏହି ମାର୍କେଟ କମ୍ପ୍ଲେକ୍ସରେ ୭୫ ଟି ଦୋକାନ ଗୃହ ଗୋଟିଏ ରାଷ୍ଟ୍ରୀୟ ବ୍ୟାଙ୍କ ହୋଟେଲ ଜଳି ପାଉଁଶ ହୋଇଥିଲା । ପୁରୀ ସହରରେ ମଣ୍ଡପ, ହୋଟେଲ, ଲଜିଂଗ ମଣ୍ଡପ ଗୁଡିକ ବେଆଇନ୍ ଭାବେ ଚାଲିଛି ତେବେ ସେଗୁଡିକ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଭିନ୍ନ ଗଳାବାଟରେ ହୋଟେଲ ଓ ଲଜିଂ ପୁରୀ ସହରରେ କାର୍ଯ୍ୟ କରୁଛି । ହୋଟେଲ ଓ ଲଜିଂରେ କୌଣସି ଅଘଟଣା ଘଟିଲେ ତାହାକୁ ନେଇ କିଏ ଦାୟୀ ରହିବ ବୋଲି ପୁରୀ ସହରର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ପୁରୀ ସହରରେ କେତୋଟି ହୋଟେଲ ଓ ଲଜିଂ ରହିଛି ତାହାକୁ ନେଇ ସୂଚନା ଅଧିକାର ଆଇନ୍ ୨୦୦୫ ବଳରେ ତଥ୍ୟ ମାଗିଥିଲେ ସୂଚନା ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ । ପିକେଡିଏ ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇ ନଥିଲା । ପିକେଡିଏ ଓ ହୋଟେଲ ସିଣ୍ଡିକେଟ୍ ମଧ୍ୟରେ କିଭଳି ସଂପର୍କ ରହିଛି । ଏହାପରେ ଆଇନଜୀବୀ ଶ୍ରୀଦାଶ ସୂଚନା ଅଧିକାର କମିଶନ ରେ ମାମଲା ଦାୟର କରିଥିଲେ । ଫଳରେ ତାଙ୍କୁ ଉପରୋକ୍ତ ସୂଚନା ମିଳିଲା । ଉପରୋକ୍ତ ସୂଚନା ସ୍ପଷ୍ଟ ଭାବେ ଦର୍ଶାଇ ଦେଉଛି ଯେ ବେଆଇନ୍ ହୋଟେଲ, ଲଜିଂ, ମ୍ୟାରେଜ ମଣ୍ଡପଗୁଡ଼ିକ ଉପରେ ପ୍ରଶାସନର ଅହେତୁକ ଅନୁକମ୍ପା ରହିଥିବା ଅଭିଯୋଗ ହୋଇଛି । ଯାହା ଫଳରେ ସେଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ୨୦୧୩ ମସିହା ସେପଟ୍ଟେମ୍ବର ମାସ ୮ ତାରିଖରେ ବେଆଇନ୍ ଭାବେ ସହରର ଦୋଳମଣ୍ଡପ ସାହିରେ ଚାଲୁଥିବା ଏକ ଲଜିଂ ଭୁଷୁଡି ପଡିବାରୁ ୪ ଜଣ ଭକ୍ତଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଏଥିରେ ଅନ୍ୟ ୬ ଜଣ ଭକ୍ତ ଗୁରୁତର ଆହତ ହୋଇଥିଲେ । ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଓ ଦୁଇ ଜଣ ନାବାଳିକା ଥିଲେ । ଜଗନ୍ନାଥଙ୍କ ଦର୍ଶନ କରିବାକୁ ଆସିଥିବା ଏହି ଭକ୍ତମାନଙ୍କର ଶ୍ରୀକ୍ଷେତ୍ରରେ ଶେଷ ଯାତ୍ରା ହୋଇଥିଲା । ଏକ ୧୦୦ ବର୍ଷର କୋଠାରେ ଏହି ଲଜିଂ ଚାଲୁଥିଲା । ଯାହା ସମ୍ପୂର୍ଣ୍ଣ ବେଆଇନ୍ ଭାବେ ଚାଲୁଥିବା ପ୍ରମାଣ ମିଳିଥିଲା । ତେଣୁ ପୁରୀରେ ଯେଉଁ ସବୁ ହୋଟେଲ ଓ ଲଜିଂ ରହିଛି ସେଗୁଡିକର ସ୍ଥିତି କ'ଣ ରହିଛି ପ୍ରଶାସନ ସେ ଦିଗରେ ସମ୍ବେଦନଶୀଳ ହୋଇ ନିୟମିତ ଯାଂଚ କରୁ ବୋଲି ଆଇନଜୀବୀ ଶ୍ରୀ ଦାଶ ଦାବି କରିଛନ୍ତି ।

# ହେଲଦି ଲାଇଫ୍ ଦ୍ୱାରା ଆବାସିକ ପ୍ରାକୃତିକ ଚିକିତ୍ସା ଶିବିର




ବାଲେଶ୍ୱର, ୦୮/୫ (ନି.ପ୍ର): ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ଏଣ୍ଡ ଯୋଗିକ ସାଇନ୍ସ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ଦ୍ୱାରା ଚାନ୍ଦିପୁର ପୂରବୀ ରିସର୍ଟ ସମୁଦ୍ରକୂଳ ପ୍ରାକୃତିକ ପରିବେଶ ଭିତରେ ୮, ୯, ୧୦, ୧୧, ୪ ଦିନ ଧରି ପ୍ରାକୃତିକ ଚିକିତ୍ସା ଶିବିର ଆଜି ପୂରବୀର କନଫରେନ୍ସ ହଲରେ ଉଦ୍‌ଘାଟିତ ହୋଇ ଯାଇଛି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଇଣ୍ଟରନ୍ୟାସନାଲ ନେଚର ପାଥି ଆର୍ଗାନାଇଜେସନର ଓଡ଼ିଶାର ମୁଖ୍ୟ ପ୍ରେସିଡେଣ୍ଟ ଡାକ୍ତର ସୁଭାଷ ଚନ୍ଦ୍ର ଷଡ଼ଙ୍ଗୀ, ଡାକ୍ତର ଭଗବାନ ଭୂୟାଁ ଯୋଗ ଦେଇ ୪ ଦିନରେ ମଣିଷ ସୁସ୍ଥ ପରିବେଶ ସହିତ ଜଳ ଶିବିର, ଖାଦ୍ୟ ଚିକିତ୍ସା, ଡିଟକ୍ସ ଚିକିତ୍ସା ମାଧ୍ୟମରେ ସବୁରୋଗ କ୍ୟାନସର, ଡାଇବେଟିସ, ବ୍ଲଡ ପ୍ରେସର, ଆଣ୍ଠଗଣ୍ଠି ଦରଜ, ସବୁ ରୋଗର ସହଜ ସରଳ ଉପଚାର ମାଧ୍ୟମରେ ଉପଶମ ହୋଇ ପାରିବ, ଏଥିରେ ୫୦ ଜଣରୁ ଅଧିକ ବିଭିନ୍ନ ରୋଗୀ ଚିକିତ୍ସା ପାଇଁ ରହି ଚିକିତ୍ସା ଭାଗ ନେଇଛନ୍ତି ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ, ଡାକ୍ତର ଚିତ୍ତରଞ୍ଜନ ସାହୁ **DIP Diet, Hot Theatment, Detox Maelove** ମାଧ୍ୟମରେ ସବୁ ରୋଗରୁ ମୁକ୍ତି ପାଇବା ସହିତ ଘରେ ରହି ନିଜେ ନିଜ ପାଇଁ ଡାକ୍ତର ହୋଇ ପାରିବେ । ତା ସହିତ ରୋଗ ମୁକ୍ତ, ଔଷଧ ମୁକ୍ତ ସୁସ୍ଥ ସମାଜ ଗଠନ ହୋଇପାରିବେ, ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ, ପ୍ରାକୃତିକ ଚିକିତ୍ସା ଶିକ୍ଷା ମାଧ୍ୟମରେ ରୋଗ ମୁକ୍ତ ସମାଜ ତିଆରି ହୋଇପାରିବ । ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

# ଭଦ୍ରକରେ ଉନ୍ନୟନ ଓ ଯୋଜନାମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ଭଦ୍ରକ, ୦୮/୫ (ନି.ପ୍ର): ଭଦ୍ରକ ଜିଲ୍ଲାର ଉନ୍ନୟନମୂଳକ ଓ ଯୋଜନାଭିତ୍ତିକ କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ଭଦ୍ରକ ବିଧାନସଭା ଉନ୍ନୟନ କମିଟି ବୈଠକ ଏବଂ ଜିଲ୍ଲା ଯୋଜନା ସମିତି ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଭଦ୍ରକର ନୂତନ ପ୍ରଦକ୍ଷଣ ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବିଧାୟକ , ଭଦ୍ରକ ତଥା ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସଭାରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମାକି ହବିବ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ପ୍ରହ୍ଲାଦ ରଣା, ଜିଲ୍ଲା ଯୋଜନା ଓ ପ୍ରତ୍ୟାଲୋଚନା କାର୍ଯ୍ୟାଳୟ ,ଭଦ୍ରକର ଅର୍ଥନୀତି ବିଶେଷଜ୍ଞ ଡଃ ଭଗବାନ ବାରିକ, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ମଳୟ ଜେନା ଏବଂ ଅତିରିକ୍ତ ଏସ୍.ପି. ଶ୍ରୀ ବିଶ୍ୱପତି ପଣ୍ଡା ,ଭଦ୍ରକ ଉପସ୍ଥିତ ଥିଲେ । ସଭାରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି, ସାଧାରଣ ଲୋକଙ୍କ ସୁବିଧା ସହ ପ୍ରଶାସନିକ ସମନ୍ୱୟ ଉପରେ ବିସ୍ତୃତ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଲୋକମୁଖୀ ଯୋଜନାର ସଫଳ କାର୍ଯ୍ୟନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ମାନ୍ୟବର ବିଧାୟକ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଯଥା ସିଡିଏମ୍ଓ, ଏନ୍ଏଚ୍ଏଆଇ ବିଭାଗ, ଆର ଆଣ୍ଡ ବି ବିଭାଗ, ଆରଡି ବିଭାଗ, ପୋଲିସ ବିଭାଗ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନଙ୍କୁ ନେଇ ଜିଲ୍ଲାର ବିକାଶମୂଳକ ଯୋଜନା ଓ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବିଶେଷକରି ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟଗୁଡ଼ିକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିବା ସହ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମାପ୍ତ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଯୋଜନା ଓ ପ୍ରତ୍ୟାଲୋଚନା କାର୍ଯ୍ୟାଳୟ ଭଦ୍ରକର ଅଧିକାରୀ ଶ୍ରୀ ଭୋଳାନାଥ ରାଉଳ, ଶ୍ରୀ ହରିହର ଗୁଇନ ଓ ଶ୍ରୀମତୀ ସୁଭ୍ରାଙ୍ଗିନୀ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍ତର ବାଲେଶ୍ୱର ଭାରତୀୟ ଜନତା ପାର୍ଟି ସପ୍ତେଶ୍ୱର୍ ମଣ୍ଡଳ ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ



ଜଳେଶ୍ୱର , ୦୮/୫ (ନି.ପ୍ର): ଉତ୍ତର ବାଲେଶ୍ୱର ଭାରତୀୟ ଜନତା ପାର୍ଟି ସପ୍ତେଶ୍ୱର୍ ମଣ୍ଡଳ ପକ୍ଷରୁ ଆଜି ଅପରାହ୍ନ ୪ ଘଟିକା ସମୟରେ ଆରୁହା ପଞ୍ଚାୟତ ଶାଳୀକୋଠା କାଳୀ ମନ୍ଦିର ପଡ଼ିଆ ଠାରୁ ଛମୌଜ ରାଣୀ ପଡ଼ିଆ ପର୍ଯ୍ୟନ୍ତ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ ଦଳର ନୀତିକୁ ସମାଲୋଚନା କରି କଂଗ୍ରେସ ମାରିଛି ପଛରୁ ଛୁରୀ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା ।ଶତାଧିକ ମହିଳା କର୍ମୀ ଏବଂ ସ୍ଥାନୀୟ ନେତୃବୃନ୍ଦ ଏହି ଶୋଭାଯାତ୍ରାରେ ସାମିଲ ହୋଇ କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଦେଶର ପ୍ରଗତି ପାଇଁ ମହିଳାମାନଙ୍କର ଆର୍ଥିକ ଓ ସାମାଜିକ ସମୃଦ୍ଧି ଅପରିହାର୍ଯ୍ୟ ବୋଲି ବିଜେପି ନେତ୍ରୀମାନେ ମତ ଦେଇଥିଲେ ।ପୂର୍ବ ସରକାର ସମୟରେ ମହିଳାମାନଙ୍କ ପ୍ରତି ହୋଇଥିବା ଅବହେଳା ଏବଂ ବିଶ୍ୱାସଘାତକତାକୁ ନେଇ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି ।ଆଗାମୀ ଦିନରେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ଲଢ଼େଇକୁ ଗାଁ ଗାଁକୁ ନେବା ପାଇଁ ସ୍ୱରୂପନଗର ମଣ୍ଡଳ ପକ୍ଷରୁ ସଂକଳ୍ପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦିକା ସୁମତି ଦେ,ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରୀ, ମଣ୍ଡଳ ସଭାନେତ୍ରୀ ରଶ୍ମିରେଖା ଜେନା, ସାରେଶ୍ୱରି ମାରାଣ୍ଡି, ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ,ମଣ୍ଡଳ ସଭାପତି ସଞ୍ଜୀବ ସେନାପତି, ଆରୁହା ଗ୍ରାମ ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ,ସମିତି ସଭ୍ୟା ମଧୁମିତା ମହାନ୍ତି,ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ଯୁବନେତା ଶ୍ରୀକଣ୍ଠ ମାହାନ୍ତି, ସ୍ୱିତ୍ରୀ ପାତ୍ର,ବୀଣାପାଣି ଦାସ ପ୍ରମୁଖ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ । ପଦଯାତ୍ରା ଶେଷରେ ଛମୌଜ ହାଣୀ ପଡ଼ିଆଠାରେ ଏକ ପଥପ୍ରାନ୍ତ ସଭା ସେବା ଶହ ପୁଶପୁତଳିକା ଦାହ କରାଯାଇଥିଲା ।

# ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ




ପୁରୀ , ୦୮/୫ (ନି.ପ୍ର): ଚଳିତ ବର୍ଷ ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖରେ ଓ ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ଅନୁଷ୍ଠିତ ହେବ ।ସୁନାବେଶ ଜୁଲାଇ ୨୫ ଓ ନୀଳାଦ୍ରି ବିଜେ ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହେବ । ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୯ ତାରିଖରେ ଅନୁଷ୍ଠିତ ହେବ ।ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ମହାପ୍ରଭୁଙ୍କ ରଥଯାତ୍ରା ସହ ସମସ୍ତ କାର୍ଯ୍ୟ ମହାପ୍ରଭୁ ନିଜେ ହିଁ ନିଧାର୍ଯ୍ୟ କରିଥାନ୍ତି ।ଆମେ ମାନେ ତାଙ୍କ ନିର୍ଦ୍ଦେଶ ରେ କେବଳ ତାହାକୁ ପରିଚାଳନା କରନ୍ତି ।ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ପରାମର୍ଶ ଦେଇଥିଲେ । ପାରସ୍ପରିକ ସମନ୍ୱୟ ର ସହ ରଥଯାତ୍ରା କୁ ଆମେ ସଫଳ କରିବା ବୋଲି ରାଜସ୍ୱ ଆୟୁକ୍ତ ଶ୍ରୀ ସାମଲ କହିଥିଲେ ।ଚଳିତ ରଥଯାତ୍ରା ରେ ପ୍ରତ୍ୟେକ ଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତ ଙ୍କୁ ଅନୁରୋଧ କରିଥିଲେ ।ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ରଥଯାତ୍ରା ପାଇଁ ବିବିଧ ପରାମର୍ଶ ଦେଇଥିଲେ ।ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା କୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷ ର ୪୭ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିଲା ।ଇତି ମଧ୍ୟରେ ୭୧୦ ଖଣ୍ଡ କାଠ ପ୍ରାପ୍ତ ହୋଇଛି ।ଏହି କାଠ ଗୁଡିକୁ ପର୍ଯ୍ୟାୟ କ୍ରମେ ଜଙ୍ଗଲ ବିଭାଗ ଯୋଗାଉଛନ୍ତି ବୋଲି ସୂଚନା ଦେଇଥିଲେ ।ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା,ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରା ର ସିଧାସଳଖ ପ୍ରସାରଣ ବ୍ୟବସ୍ଥା,ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଏଲଇଡି ଟିଭି ବ୍ୟବସ୍ଥା,ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟଜିତ ନାୟକ,ଦେବୋତ୍ତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ଏସ ପି ପ୍ରତୀକ ସିଂ,ପୁରୀ ଡିଏଫଓ ଧନଜୀ ରାଓସୋ ମଗର,ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା, ପଞ୍ଚାୟତରାଜ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଖାଦ୍ୟ ଯୋଗାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା ମହେଶ ମୋହନ ପଣ୍ଡା,ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା ନୀଳକଣ୍ଠ ମିଶ୍ର,ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ପୁଷ୍ପିତା ମହାନ୍ତି, ପୂର୍ତ୍ତ ବିଭାଗ ଚିଫ ଇଞ୍ଜିନିୟର ଶିବବ୍ରତ ତରାଇ, ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାଶ,ଅତିରିକ୍ତ ମଣ୍ଡଳ ରେଲ ପ୍ରବନ୍ଧକ, ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସେବାୟତ, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ,ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ ମହାରଣା, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ ।ସମନ୍ୱୟ ବୈଠକ କୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ ।

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ବୁଧିଆ ବିନ୍ଧାଣି

ଉଦଳା, ୦୮/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ମାଟିଆଳିସାହି ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତଃ ବୈଦ୍ୟନାଥ ବିନ୍ଧାଣିଙ୍କ ୬୫ ବର୍ଷ ବୟସର ପୁତ୍ର ବୁଧିଆ ବିନ୍ଧାଣିଙ୍କ ଦୁଃଖ କହିଲେ ନସରେ । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବୁଧିଆ ବିନ୍ଧାଣିଙ୍କର ଏପର୍ଯ୍ୟନ୍ତ ଆଧାର କାର୍ଡ଼ ନାହିଁ । ଆଧାରକାର୍ଡ଼ ପାଇଁ ସେ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର ଆଧାରକାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ଆଧାର କାର୍ଡ଼ ନଥିବା ଯୋଗୁଁ ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା ପାଇବାରୁ ସେ ବଂଚିତ ଅଛନ୍ତି । ଏପରିକି ବର୍ତମାନ ତାଙ୍କର ଦେହ ବାରମ୍ବାର ଅସୁସ୍ଥ ହେଉଛି । ଚିକିତ୍ସା ହେବା ପାଇଁ ପାଖରେ ଆୟୁଷ୍ମାନ କାର୍ଡ଼ ମଧ୍ୟ ନାହିଁ । ଏପରି ଦୁଃଖ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ସେ ବାଧ ହେଉଥିବାର କଥା ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଶୁଭେନ୍ଦୁ ଅଧିକାରୀ ...

ସେ ଭବାନୀପୁରରେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଏବଂ ନନ୍ଦୀଗ୍ରାମରେ ପବିତ୍ର କରଙ୍କୁ ପରାସ୍ତ କରିଥିଲେ । ତଥାପି ଶୁଭେନ୍ଦୁ କେଉଁ ଆସନ ବଜାୟ ରଖିବେ ଏବଂ କେଉଁଟିକୁ ଛାଡ଼ିବେ ସେ ବିଷୟରେ ଏବେ ପ୍ରଶ୍ନ ଉଠିଛି । ନନ୍ଦୀଗ୍ରାମ ଆସନରେ ଶୁଭେନ୍ଦୁ ଟିଏମ୍‌ସି ପ୍ରାର୍ଥୀ ପବିତ୍ର କରଙ୍କୁ ୯୦୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ । ଶୁଭେନ୍ଦୁ ୧୨୭୩୦୧ ଖଣ୍ଡ ଭୋଟ ପାଇଥିଲେ, ଯେତେବେଳେ ପବିତ୍ର ୧୧୭୬୩୬ ଖଣ୍ଡ ଭୋଟ୍ ପାଇଥିଲେ । ନିର୍ବାଚନ ଫଳାଫଳ ସହିତ ଏହି ଆସନଟି ପୁଣି ଥରେ ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ଆସନ ମଧ୍ୟରୁ ଗୋଟିଏ । ନନ୍ଦୀଗ୍ରାମକୁ ବଙ୍ଗ ରାଜନୀତିରେ ଏକ କେନ୍ଦ୍ରବିନ୍ଦୁ ଭାବରେ ବିବେଚନା କରାଯାଏ । କୁହାଯାଏ, ଏଠାକାର ଜନାଦେଶ ରାଜ୍ୟର ଦିଗ ନିର୍ଣ୍ଣୟ କରେ । ୨୦୨୧ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଆସନରେ ପରାସ୍ତ ହୋଇଥିଲେ । ସେ ନନ୍ଦୀଗ୍ରାମରେ ଶୁଭେନ୍ଦୁଙ୍କୁ ଭେଟିଥିଲେ । ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିର୍ବାଚନରେ, ମମତା ୨୦୦୦ରୁ କମ୍ ଭୋଟରେ ପରାସ୍ତ ହୋଇଥିଲେ । ମମତା ତାଙ୍କର ପାରମ୍ପରିକ ଆସନ ପରିତ୍ୟାଗ କରି ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, କିନ୍ତୁ ଶୁଭେନ୍ଦୁ ତାଙ୍କୁ ପରାସ୍ତ କରିଥିଲେ । ଶୁଭେନ୍ଦୁ ୧୫,୦୦୦ରୁ ଅଧିକ ଭୋଟରେ ମମତାଙ୍କୁ ପରାସ୍ତ କରିଛନ୍ତି । ଏହା ଦ୍ୱିତୀୟ ଥର ପାଇଁ ମମତା ଶୁଭେନ୍ଦୁଙ୍କଠାରୁ ପରାସ୍ତ ହୋଇଛନ୍ତି । ନିର୍ବାଚନ ଫଳାଫଳ ପୁଣି ଥରେ ଏହି ଆସନକୁ ରାଜ୍ୟ ରାଜନୀତିର କେନ୍ଦ୍ରକୁ ଆଣିଛି । ମମତା ବାନାର୍ଜୀ ବିଧାୟକ ଭାବରେ ଏହି ଆସନକୁ ବଜାୟ ରଖିଛନ୍ତି । ଏହା ବ୍ୟତୀତ ଏହି ଆସନକୁ ଦୀର୍ଘ ସମୟ ଧରି ଟିଏମ୍‌ସିର ଗଡ଼ ଭାବରେ ବିବେଚନା କରାଯାଉଛି । ୨୯ ଏପ୍ରିଲରେ ଦ୍ୱିତୀୟ ପର୍ଯ୍ୟାୟରେ ଏଠାରେ ମତଦାନ ହୋଇଥିଲା । ଟିଏମ୍‌ସି ମୁଖ୍ୟଙ୍କ ପରାଜୟ ୨୦୨୧ ବିଧାନସଭା ନିର୍ବାଚନ ଫଳାଫଳକୁ ପ୍ରତିଫଳିତ କରେ ।

### ପରୀକ୍ଷାରେ ଉତ୍ତୀର୍ଣ୍ଣ ...

ପାଇଁ ମ୍ୟାଜିକ୍ ନମ୍ବର ୧୧୮ ଠାରୁ ଦଳ ପଛରେ ଥିବାରୁ ସରକାର ଗଠନରେ ବାଧା ଉପୁଜିଲା । ବିଜୟ ସରକାର ଗଠନ ପାଇଁ ୨ ଥର ରାଜ୍ୟପାଳ ଆର୍ଲେକରଙ୍କୁ ଭେଟିଥିଲେ ମଧ୍ୟ ରାଜ୍ୟପାଳ ତାଙ୍କୁ ୨ ଥର ଯାକ ଫେରାଇ ଦେଇଛନ୍ତ । ୧୧୮ ବିଧାୟକଙ୍କ ଲିଖିତ ସମର୍ଥନ ସହ ଆସିବାପାଇଁ ରାଜ୍ୟପାଳ ବିଜୟଙ୍କୁ କହିଥିଲେ । ଟିଭିକେ ଦଳ ୧୦୮ ଆସନରେ ବିଜୟୀ ହୋଇଥିଲେ ସୁଦ୍ଧା ବିଜୟ ୨ଟି ଆସନରେ ଜିତିଥିବାରୁ ସେ ଗୋଟିଏ ଆସନ ଛାଡ଼ିଦେଲେ ଦଳର ଆସନ ସଂଖ୍ୟା ୧୦୭କୁ କମିଯାଉଛି । ତେଣୁ କଂଗ୍ରେସ ସମର୍ଥନ ସହ ବିଜୟଙ୍କ ପାଖରେ ପ୍ରଥମେ ୧୧୨ ଜଣ ବିଧାୟକଙ୍କ ସମର୍ଥନ ଥିଲା । ଏବେ ଭିସିକେ, ସିପିଆଇ ଏବଂ ସିପିଏମ୍ ଟିଭିକେକୁ ସମର୍ଥନ କରିବାଦ୍ୱାରା ଦଳର ସଂଖ୍ୟା ୧୧୮ରେ ପହଞ୍ଚିଛି । ସିପିଏମ୍ ସାଧାରଣ ସମ୍ପାଦକ ଏମ୍ଏ ବେବି ଆଜି ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ସିପିଆଇ, ସିପିଏମ୍ ଏବଂ ଭିସିକେର ମିଳିତ ଭାବେ ରାଜ୍ୟ ବିଧାନସଭାରେ ୬ ବିଧାୟକ ଥିବାବେଳେ ସମସ୍ତେ ବିଜୟଙ୍କୁ ସରକାର ଗଠନ ପାଇଁ ସହଯୋଗ କରିବେ । ଏହାଫଳରେ ବିଧାସନଭାରେ ସଂଖ୍ୟା ଖେଳ ପଲଟିଯାଇଛି ଏବଂ ସରକାର ଗଠନ ନେଇ ଯେଉଁ ଅନିଶ୍ଚିତତା ଲାଗି ରହିଥିଲା ତାହା ଶେଷ ହୋଇଛି । ଶେଷରେ ବିଜୟ ହିଁ ତାମିଲନାଡୁରେ ସରକାର ଗଠନ କରିବେ । ଉଲ୍ଲେଖଯୋଗ୍ୟ, ତାମିଲନାଡୁରେ ବିଧାନସଭା ନିର୍ବାଚନ ଫଳ ଆସିବାପରେ ବଡ଼ ଧରଣର ରାଜନୈତିକ ଡ୍ରାମା ଆରମ୍ଭ ହୋଇଥିଲା ।

### ବାଲିଅନ୍ତାର ବର୍ବର କାଣ୍ଡରେ...

ଏଥିରୁ ସ୍ପଷ୍ଟ ହେଉଛି, ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ବି ସୌମ୍ୟଙ୍କୁ ଉଦ୍ଧାର କରିପାରିନଥିଲା । ବରଂ ମରିବା ପାଇଁ ରକ୍ତମୁଖା ଭିଡ଼ ହାତକୁ ଟେକିଦେଇଥିଲା । ଏହାର ପ୍ରତିବାଦରେ ଆଜି ନିଆଳି ନଖରା ରାସ୍ତାର ମୌଜପୁରରେ ନିଆଁଜାଳି ରାସ୍ତା ରୋକ କରିଛନ୍ତି ସୌମ୍ୟଙ୍କ ଗାଁ ଲୋକ । ଇଏ ସେଇ ସ୍ଥାନ ଯେଉଁଠି ଗତକାଲି ଘଟିଥିଲା ଭିଡ଼ହିଂସା । ଏଠାରେ ପହଞ୍ଚି ଛାନଭିନ କରିଛନ୍ତି ପୁଲିସ ଡିଜି, ପୁଲିସ କମିସନର ଓ ଡିସିପି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାଉଣ୍ଡ୍ ଜିରୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ମହିଳା କମିସନ । ଏଥିସହ ୨ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ, ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ଝାରପଡ଼ା ଜେଲ୍ ଯାଇଛନ୍ତି ୫ ଅଭିଯୁକ୍ତ । କିନ୍ତୁ ଘଟଣାସ୍ଥଳରେ ଦେଖଣାହାରୀ ସାଜିଥିବା ପୁଲିସ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ । ଜଣେ ପୁଲିସ କର୍ମଚାରୀଙ୍କୁ ହତ୍ୟା ହେଉଥିଲା, ଆଉ ପୁଲିସ ତାହାକୁ ଦେଖୁଥିଲା । ଯାହାର ଭିଡିଓ ସୋସିଆଲ ମିଡିଆରେ ନିଆଁ ଭଳି ଭାଇରାଲ୍ ହେଉଛି ।

### ସ୍ୱଦେଶୀ ଗ୍ଲାଇଡ ଅସ୍ତ୍ର ...

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ବା ଡିଆରଡିଓଏବଂ ଭାରତୀୟ ବାୟୁସେନା ଦ୍ୱାରା ମିଳିତ ଭାବେ ଏହି ପରୀକ୍ଷଣ କରାଯାଇଛି । ଏହା ଦୂରରୁ ଶତ୍ରୁର ବଙ୍କର, ରନୱେ ଏବଂ ପ୍ରତିରକ୍ଷା ଭିତ୍ତିଭୂମିକୁ ସଠିକ ଭାବେ ଧ୍ୱଂସ କରିପାରିବ । ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ ହୋଇଥିବାରୁ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଅଧିକ ଶକ୍ତିଶାଳୀ କରିଛି । ସଫଳ ପରୀକ୍ଷଣ ଦ୍ୱାରା ଭାରତୀୟ ବାୟୁସେନାର ଆକ୍ରମଣ କ୍ଷମତା ବୃଦ୍ଧି ପାଇବା ସହ ଆଧୁନିକ ଯୁଦ୍ଧ କୌଶଳରେ ଭାରତର ସାମର୍ଥ ବଢ଼ିବ । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ବୈଜ୍ଞାନିକ ଓ ବାୟୁସେନାକୁ ଶୁଭେଚ୍ଛା ଜଣାଇଛନ୍ତି ।

### ଶିକ୍ଷକ ଆଶାୟୀଙ୍କ ...

ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନଜର ରଖିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଛାତ୍ରମାନଙ୍କ ଏହି ଆନ୍ଦୋଳନ ଏବେ ବିହାର ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି ।

### ଆତଙ୍କବାଦ ଓ ସୀମାପାର...

ମିଳିତ ପ୍ରେସ ବିଜ୍ଞପ୍ତି ଅନୁସାରେ, ଭାରତ ଓ ସିଙ୍ଗାପୁର ରଣନୈତିକ ଭାଗୀଦାର ଭାବେ ଆତଙ୍କବାଦ ମୁକାବିଲାରେ ଦ୍ୱିପକ୍ଷୀୟ ସହଯୋଗର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି । ବୈଠକରେ ସୀମାପାର ଆତଙ୍କବାଦ ସହିତ ଆତଙ୍କବାଦର ସମସ୍ତ ରୂପ ଓ ପ୍ରକାଶକୁ କଠୋର ଶବ୍ଦରେ ନିନ୍ଦା କରାଯାଇଥିଲା । ଉଭୟ ଦେଶ ଆତଙ୍କବାଦ ବିରୋଧରେ 'ଜିରୋ ଟଲରେନ୍ସ' ନୀତିକୁ ପୁଣି ଥରେ ପ୍ରତିପାଦିତ କରିବା ସହ ସୁରକ୍ଷା, ସୂଚନା ଆଦାନ-ପ୍ରଦାନ ଏବଂ ସୀମାପାର ଅପରାଧ ରୋକିବା ପାଇଁ ପାରସ୍ପରିକ ସହଯୋଗକୁ ଆହୁରି ମଜବୁତ କରିବାରେ ସହମତି ପ୍ରକାଶ କରିଛନ୍ତି ।

# ଜୀ ସାର୍ଥକ'ରେ ପ୍ରେମ ଓ ଅହଂକାରର ନିଆରା କାହାଣୀ 'ମୋଟର ସାଇକେଲ', ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬: ୩୦ ମିନିଟରେ



ଭୁବନେଶ୍ୱର, ୦୮/୫ (ନି.ପ୍ର): ଓଲିଉଡର ଚର୍ଚ୍ଚିତ ଫ୍ୟାମିଲି କମେଡି ଡ୍ରାମା 'ମୋଟର ସାଇକେଲ' ଏବେ ଟିଭି ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ପ୍ରସ୍ତୁତ । ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ ଅଗ୍ରଣୀ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଜୀ ସାର୍ଥକ'ରେ ଏହି ସିନେମାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଅନୁଷ୍ଠିତ ହେବ । ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ସାଧାରଣ ମୋଟର ସାଇକେଲକୁ ନେଇ ପରିବାର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱ, ଅହଂକାର ଏବଂ ହାସ୍ୟରସର ଏକ ସୁନ୍ଦର ମିଶ୍ରଣ । କାହାଣୀର ମୂଳ ବିଷୟବସ୍ତୁ ହେଉଛି 'ପ୍ରେମ ବନାମ ଲୋଭ' । କେଲୁ (ଜ୍ୟୋତି ରଞ୍ଜନ ନାୟକ) ଏବଂ କାବେରୀ (ପ୍ରୀତି ବିଶ୍ୱାଳ)ଙ୍କ ବଢୁଥିବା ପ୍ରେମ ମଝିରେ ପାଚେରୀ ସାଜିଛି କେଲୁଙ୍କ ପିତାଙ୍କର ଏକ ମୋଟର ସାଇକେଲ ଦାବି । ଏହି ଦାବି କିପରି ପାରିବାରିକ କଳହ ଓ ହଟଚମଟ ସୃଷ୍ଟି କରୁଛି, ତାହା ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରାଯାଇଛି । ଏହି ସିନେମାରେ କୁନ ତ୍ରିପାଠୀଙ୍କ ଜବରଦସ୍ତ କମେଡି ଟାଇମିଂ ଏବଂ ଜ୍ୟୋତିଙ୍କ ଅଭିନୟ ବଡ଼ ପରଦାରେ ବେଶ ପ୍ରଶଂସିତ ହୋଇଥିଲା । ସୋମେଶ ଶତପଥୀଙ୍କ ସଙ୍ଗୀତ ଏବଂ ଡକ୍ଟର ନିର୍ମଳ ନାୟକଙ୍କ ଗୀତ ସିନେମାକୁ ଅଧିକ ଜୀବନ୍ତ କରିଛି । ଏହି ଅବସରରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ କହିଛନ୍ତି, ଗୋଟିଏ ସାଧାରଣ ମୋଟର ସାଇକେଲ କିପରି ଏକ ନିଆରା ମନୋରଞ୍ଜନର ଖୋରାକ ଯୋଗାଇ ପାରେ, ତାହା ଏହି ସିନେମାରେ ଚମତ୍କାର ଭାବେ ଚିତ୍ରଣ କରାଯାଇଛି । ଗୋଟିଏ ଛୋଟ ଦାବି ସମ୍ପର୍କରେ କିପରି ଟଣାଓଟରା ସୃଷ୍ଟି କରେ ଏବଂ ସେଥିରୁ ବାହାରୁଥିବା ହାସ୍ୟରସ ସାଧାରଣ ଦର୍ଶକଙ୍କୁ ନିଜ ସହ ଯୋଡ଼ିପାରିବେ । ଏହି ସିନେମାର ପ୍ରତିଟି ଦୃଶ୍ୟ ପରିବାର ସହ ବସି ଉପଭୋଗ କରିବା ଭଳି ହୋଇଛି ବୋଲି ଆମର ବିଶ୍ୱାସ ।' ପ୍ରେମ ଏହି ପାରିବାରିକ ଅହଂକାର ଓ ସର୍ବସମ୍ମୁଖରେ ଅପମାନକୁ ସହିପାରିବ କି ନାହିଁ, ତାହା ଦେଖିବାକୁ ମିଳିବ କେବଳ 'ଜୀ ସାର୍ଥକ' ପରଦାରେ ।

# କମ୍ପ୍ୟୁଟର ପରୀକ୍ଷା ବାତିଲ: ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳ

ଉଦଳା, ୦୮/୫ (ନି.ପ୍ର): ପ୍ରଚଣ୍ଡ ରୌଦ୍ର ସତ୍ୱେ ବାରିପଦା ଦେବେନ୍ଦ୍ରପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ସି.ସି.ସି. କମ୍ପ୍ୟୁଟର ପରୀକ୍ଷା ବିନା କୌଣସି ପ୍ରାକ୍ ସୂଚନାରେ ବାତିଲ ହେବାରୁ ଦୁର ଦୂରାନ୍ତରୁ ଆସିଥିବା ଅନେକ ପରୀକ୍ଷାର୍ଥି ପରୀକ୍ଷା ଦେବାରୁ ବଂଚିତ ହୋଇ ନିରାଶୟରେ ଫେରିଛନ୍ତି । ଭାରତ ସରକାରଙ୍କ ସୂଚନା ଓ ପୌଦଗିକ ମନ୍ତ୍ରଣାଳୟ ଅଧିନରେ ଥିବା ରାଷ୍ଟ୍ରୀୟ ଇଲେକଟ୍ରୋନିକ ଏବଂ ସୂଚନା ପୌଦଗିକ ସଂସ୍ଥାନ (ଏନ୍ଆଇଇଏଲଆଇଟି) ତରଫରୁ ଫେବୃଆରି ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପରୀକ୍ଷାକୁ ସଂସ୍ଥାନ ତରଫରୁ ମନଇଛା ଘୁଂଚାଇ ୮ ମଇ ୨୦୨୬ରେ ହେବାକୁ ପରୀକ୍ଷାର୍ଥି ମାନଙ୍କୁ ମାତ୍ର ୨ ଦିନ ପୁର୍ବରୁ ମେସେଜ ଏବଂ ଆଡ୍‌ମିଟକାର୍ଡ଼ ଆସିଥିଲା । ମାତ୍ର ପରୀକ୍ଷା କେନ୍ଦ୍ରରେ ପହଂଚିବା ପରେ ଶେଷ ମୁହୁର୍ତରେ ପରୀକ୍ଷା ବାତିଲ ହୋଇଥିବା ଖବର ଶୁଣିବା ପରେ ପରୀକ୍ଷାର୍ଥି ଏବଂ ଅବିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏ ସମ୍ପର୍କରେ ସଂସ୍ଥାର ଭୁବନେଶ୍ୱର ଏବଂ ଦିଲ୍ଲିସ୍ଥିକ କାର୍ଯ୍ୟାଳୟକୁ ଯୋଗାଯୋଗ କରଯାଇଥିଲେ ମଧ ସେଠାକାର ଅଧିକାରୀ ମାନେ କୌଣସି ସନ୍ତାଷ ଜନକ ଉତର ନଦେଇ ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ । ଫଳରେ ପରୀକ୍ଷା କେନ୍ଦ୍ରରେ କିଛିକ୍ଷଣ ଉତେଜନା ଦେଖାଦେଇଥିଲା । ଶେଷରେ ପରୀକ୍ଷାକେନ୍ଦ୍ର ଗାୟତ୍ରୀ ଏଜୁକେସନ ଟ୍ରଷ୍ଟର ନିର୍ଦ୍ଦେଶକ ଆସି ଅତିଶିଘ୍ର କତୃପକ୍ଷଙ୍କ ସହ ଯୋଗାଯୋଗ କରି ପୁଣିଥରେ ପରୀକ୍ଷା କରାଇବାକୁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ସୂଚନାଯୋଗ୍ୟ ଯେ ଏ ସମସ୍ତ ନିଯୁକ୍ତି କ୍ଷେତ୍ରରେ କେବଳ ସରକାରୀ ସ୍ୱିକୃତିପ୍ରାପ୍ତ କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ଗ୍ରହଣ କରାଯାଉଥିବାରୁ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏହି ସଂସ୍ଥାନ ଲଗାତାର ଚରମ ଅବହେଳା ଦେଖିବାକୁ ମିଳିଛି ।

# ବସ୍ତାରେ ବ୍ଲକସ୍ତରୀୟ ଓଡିଆ ସମାଜ ସାମାଜିକ ସଂଗଠନର ବୈଠକ




ବସ୍ତା, ୦୮/୫ (ନି.ପ୍ର): ବସ୍ତାସ୍ଥିତ ଇଶ୍ୱରବର୍ତ୍ତି ମନ୍ଦିର ପରିସରରେ ଓଡିଆ ସମାଜ ସାମାଜିକ ସଂଗଠନ ପକ୍ଷରୁ ଏକ ଜରୁରୀକାଳିନ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଅଛି । ସଂଗଠନ ପ୍ରତିଷ୍ଠାତା ପିନାକି ନାରାୟଣ ପ୍ରହରାଜ ଙ୍କ ପୌରହିତ୍ୟରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଅଧ୍ୟାପକ ରତିକାନ୍ତ ଦାସ ଅଧିକାରୀ ଯୋଗଦେଇ ସଂଙ୍ଗଠନର ଆଭିମୂଖ୍ୟ ବିଷୟରେ ସଭ୍ୟମାନଙ୍କୁ ସୂଚନା ଦେଇଥିଲେ ।ପ୍ରତି ୫ବର୍ଷରେ ଥରେ କାର୍ଯ୍ୟକର୍ତ୍ତାଚୟନ ହେବ ଓ ଓଡିଆମାନଙ୍କର ଜାତି ଭେଦାଭେଦ ଭୂଲି ଓଡିଶାର କଳା ସଂସ୍କୃତି ପରମ୍ପରା କୁ ଉଜିବିତ କରିବା ସହିତ ନିଜନିଜ ମଧ୍ୟରେ ଭାତୃତ୍ୱର ଭାଇଚାରା ସୃଷ୍ଟି କରିବା ର ମହତ୍ୱ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ କରିଥିଲେ ।ସମ୍ପାଦକ ସମାଜସେବୀ ଦିଲ୍ଲୀପ କୁମାର ଦେ ବାର୍ଷିକ ବିବରଣୀ ପାଠ କରିଥିଲେ ।କୋଷାଧ୍ୟକ୍ଷସଂସ୍କୃତ ଶିକ୍ଷକ ବିଶ୍ୱରଞ୍ଜନ ପାଣି ବର୍ଷକ ର ଆୟବ୍ୟ ର ହିସାବ ଉପସ୍ଥାପନ କରିଥିଲେ ।ଉପସଭାପତି ବିଭୂତି ଭୂଷଣ ପ୍ରଧାନ ସହସମ୍ପାଦକ ଶୁସାନ୍ତକୁମାର ପୃଷ୍ଟି ଯୋଗେନ୍ଦ୍ର ରାଉତ ସାଙ୍ଗଠନିକ ସମ୍ପାଦକ ଶିକ୍ଷକ ଅଞ୍ଜନ କୁମାରମହାନ୍ତି ସଦସ୍ୟ ଗିରିଜାଶଙ୍କରଦାସ. ବିଜୁରାମ, ସୂର୍ଯ୍ୟକାନ୍ତ ରାମ ସମେତ ୪୦ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତଥିଲେ ।ବରିଷ୍ଠ ସାମ୍ବାଦିକ ବିଜୟକୁମାରଭୂୟାଁଙ୍କୁ ଓ.ନୂତନ ଭାବେ ସମ୍ପାଦକ ଦିଲ୍ଲୀପ ଦେ ସମେତ ନୂତନ ଭାବେ କାର୍ଯ୍ୟକର୍ତ୍ତାଙ୍କୁ ଙ୍କୁ ଫୁଲତୋଡା ଉତ୍ତରୀୟ ଦେଇ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା ।

# ଖଇରା ପୋଲିସ ପକ୍ଷରୁ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ "ଜୁଭେଣ୍ଟିକା"

ଖଇରା, ୦୮/୫ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଥାନା ପରିସରରେ ଶୁକ୍ରବାର ଅପରାହ୍ନରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ରାଜ୍ୟ ସ୍ତରୀୟ ବରିଷ୍ଠ ପୋଲିସ ଅଧିକାରୀ ମାନେ ଆଭାସୀ ମାଧ୍ୟମରେ କିଶୋରୀ ବାଳିକା ମାନେ କୌଣସୀ ସମସ୍ୟା ନିଜ ଭିତରେ ଗୋପନ ନରଖି ପୋଲିସ ସହ ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ପରେ ଖଇରା ଥାନା ଏସଆଇ ଅନିତା ମଙ୍ଗରାଜ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉର୍ମିଳା ବେହେରା, ଏଏସଆଇ ମନସ୍ମିତା ମହାନ୍ତି, ଏଏସଆଇ ଗୌରହରି ବୁଗୁଡାଇ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ବର୍ତ୍ତମାନ ସାଇବର ଅପରାଧ, ଅନଲାଇନ ଠକେଇ ଇତ୍ୟାଦି ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା ।

# ମେଘାସନ ମହାବିଦ୍ୟାଳୟର ସେବା ନିବୃତ କର୍ମଚାରୀ କୃପାସିନ୍ଧୁ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା




ଉଦଳା, ୦୮/୫ (ନି.ପ୍ର): ମେଘାସନ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଦାୟିତ୍ୱରୁ କୃପାସିନ୍ଧୁ ମହାନ୍ତି ସେବା ନିବୃତ ହୋଇଛନ୍ତି । ତାଙ୍କ ସମ୍ମାନାର୍ଥେ ଗତ ୦୬-୦୫-୨୦୨୬ରିଖ ପୁର୍ବାହ୍ନ ୯ ଘଟିକା ସମୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ, ଡ଼. ରମେଶ ଚନ୍ଦ୍ର ନାୟକ, ପ୍ରାଧ୍ୟାପକ ନକୁଳ ଜେନା, ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି, ଗ୍ରନ୍ଥାଗାରିକ ମନୋରଂଜନ ମଲିକ ଓ ସେବା ନିବୃତ କର୍ମଚାରୀ କୃପାସିନ୍ଧୁ ମହାନ୍ତି ମଂଚାସୀନ ଥିଲେ । ଶ୍ରୀ ମହାନ୍ତି ମେଘାସନ ମହାବିଦ୍ୟାଳୟରେ ଯୋଗଦାନ କରିବା ପୁର୍ବରୁ କିଛିଦିନ ଧରି ଉଦଳା କଚେରିରେ ମହୋରିର ଭାବେ କାର୍ଯ୍ୟ କରୁଥିଲେ । ମହାବିଦ୍ୟାଳୟରେ ତା.୦୧-୦୭-୧୯୮୭ରୁ କାର୍ଯ୍ୟରେ ଯୋଗଦାନ କରି ଗତ ୩୦-୦୪-୨୦୨୬ରିଖରେ ସେ ସେବା ନିବୃତ ହୋଇଛନ୍ତି । ସେ ଜଣେ ଶାନ୍ତ ସରଳ, ନିରାଡ଼ମ୍ବର ଓ କର୍ମଠ କର୍ମଚାରୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ତାଙ୍କର ସହନଶୀଳ ଓ ନୀରଳସ ଜୀବନ ସମସ୍ତଙ୍କୁ ପ୍ରଭାବିତ କରିଥିଲା ବୋଲି ମଂଚାସୀନ ବକ୍ତା ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟ ତରଫରୁ ସାଲ, ମାନପତ୍ର ଓ ଫୁଲତୋଡ଼ା ପ୍ରଦାନ କରାଯାଇ ତାକୁ ସମ୍ବର୍ଦ୍ଧିତ କରାଯିବା ସହିତ ଭଗବାନଙ୍କ ନିକଟରେ ତାଙ୍କର ନିରାମୟ ଜୀବନ କାମନା କରାଯାଇଥିଲା । ଡ଼. ଫନିଭୂଷଣ ପୁଥାଳ ଅତିଥି ମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ବୃନ୍ଦାବନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଭାସୀ ମାଧ୍ୟମରେ ଦେଉଳିଠାରେ ୩୩/୧୧ କେଭି ସବ୍‌ଷ୍ଟେସନ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ



ମୟୂରଭଞ୍ଜ, ୦୮/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଦେଉଳିଠାରେ ନିର୍ମିତ ଟିପିଏନଓଡିଏଲର ନୂତନ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂ ଦେଓ ଆଭାସୀ ମାଧମରେ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶିଳାଫଳକ ଉନ୍ମୋଚନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଚୁହାଟ, କାଣିମହୁଲି, ନୂଆଗାଁ, ଝାଲିଆମରା, ଅଁଳାକୁଡ଼ା, ଦେଉଳି ଆଦି ୬ଟି ପଞ୍ଚାୟତର ପଖାପାଖି ୧୫ ହଜାର ପରିବାର ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ହେବା ସହ କୃଷି ଓ ଶିଳ୍ପ କ୍ଷେତ୍ରରେ ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦିଆଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଓଡିଶା ବିଦ୍ୟୁତ ବିତରଣ ବ୍ୟାପାର ମୁଖ୍ୟ ତଥା ଟିପିଏନଓଡିଏଲ୍ ର ସିଇଓ ଗଜାନନ କାଲେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଏବଂ ବାରିପଦା ବୈଦ୍ୟୁତିକ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ନୂତନ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ହେବା ଫଳରେ ଦେଉଳି ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପକୃତ ହେବେ ।

# ବାଲେଶ୍ୱରରେ ବ୍ରାଉନ୍‌ସୁଗାର କାରବାରର ରାକେଟ୍ ବିଷୟରେ 'ମନା'ର ଉଦ୍‌ବେଗ



ବାଲେଶ୍ୱର, ୦୮/୫ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ 'ମନା'ର ପଞ୍ଚମ ମାସିକ ବୈଠକ ଶୁକ୍ରବାର ଦିନ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଚଳିତ ବର୍ଷ ଏପ୍ରିଲ୍ ୧୯ ତାରିଖରେ ହୋଇଥିବା ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କଲାପରେ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ବାଲେଶ୍ୱରରେ ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା କାରବାରର ରାକେଟ୍ ବିଷୟରେ ଉପସ୍ଥାପନା କରିଥିଲେ । ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଏହି ବିଷୟରେ ଗଭୀର ଉଦ୍‌ବେଗ ପ୍ରକଟ କରିଥିଲେ ଓ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କଠାରେ ଦାବି କରିବା ପ୍ରସ୍ତାବ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା । ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ଗଙ୍ଗାଧର ପୃଷ୍ଟି, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶଶାଙ୍କ ଶେଖର ଦତ୍ତ, ଭାସ୍କର ଚନ୍ଦ୍ର ମିଶ୍ର, କମଳାକାନ୍ତ ଦାଶ, ରବିନାରାୟଣ ଭୋଳ, ଭୂପତି ଭୂଷଣ ଦାସ, ସଞ୍ଜୟ କୁମାର ପଣ୍ଡା (ଖ), ଅକ୍ଷୟ କୁମାର ତ୍ରିପାଠୀ, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗରରେ ବିଜେପିର ନୂତନ କାର୍ଯ୍ୟାଳୟ ଲୋକାର୍ପିତ

ଭୁବନେଶ୍ୱର, ୦୮/୫ (ନି.ପ୍ର): ଧାମନଗରରେ ଭାରତୀୟ ଜନତା ପାର୍ଟିର ନୂତନ କାର୍ଯ୍ୟାଳୟ ଲୋକାର୍ପିତ ହୋଇଛି । ଶୁକ୍ରବାର ଦିନ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଏହାର ଲୋକାର୍ପଣ କରିଛନ୍ତି । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ତଥା କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିଲେ । ଏସମ୍ପର୍କରେ ସୂଚନା ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଧାମନଗର ବିକାଶ ଯାତ୍ରାରେ ଆଉ ଏକ ନୂତନ ଅଧ୍ୟାୟ । ଆମ ପ୍ରିୟ ନେତା ତଥା ମୋର ପୂଜ୍ୟ ପିତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରାକୁ ପାଥେୟ କରି ଆଜି ଧାମନଗରରେ ଭାରତୀୟ ଜନତା ପାର୍ଟିର ନୂତନ କାର୍ଯ୍ୟାଳୟ ଲୋକାର୍ପିତ ହୋଇଛି । ରାଜ୍ୟସଭା ସାଂସଦ ତଥା ଆମ ଦଳର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ କରକମଳରେ ଏହି ଭବନ ଉଦଘାଟିତ ହୋଇଛି ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ତୁମ୍ବାପଦୀ ଗାଁ: ଗ୍ରାମସଭାରେ ଅନୁମୋଦନ ହେଲା ପ୍ରକଳ୍ପ




ଖଇରା, ୦୮/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ଗ୍ରାମ ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗାଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବା ପରେ ଶୁକ୍ରବାର ସାନନ୍ଦା ସ୍କୁଲ ସମ୍ମୁଖରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଯୋଜନାରେ ମିଳିଥିବା ୪୦ଲକ୍ଷ ଟଙ୍କା ପାଇଁ ଗ୍ରାମସଭା ଅୟୋଜନ କରାଯିବା ସହ ପ୍ରକଳ୍ପ ଚୁଡାନ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ସମିତିସଭ୍ୟା ଛବିଲତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ଯୋଗଦେଇ ଏହି ଯୋଜନାରେ ଗ୍ରାମରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇ ପାରିବ । ଯଦି କମ ପଡେ ତେବେ ସେ ତାଙ୍କ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବେ ବୋଲି କହିଥିଲେ । ୩ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,୫ନମ୍ବର ଜୋନ ସଦସ୍ୟ ମାନସ କୁମାର ଦାଶ,ମଣ୍ଡଳ ସଭାପତି ସୁମନ୍ତ କୁମାର ଜେନା,ବର୍ତ୍ତନା ସମିତିସଭ୍ୟା ପ୍ରତିନିଧି ପତିତପାବନ କର,କନିଷ୍ଠ ଯନ୍ତ୍ରୀ ଅନ୍ନପୂର୍ଣ୍ଣା ଘଡେଇ,ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ବ୍ଲକ ସଂଯୋଜକ ବିଭୁତି ଭୁଷଣ ମହାନ୍ତି,ପୁର୍ବତନ ସମିତିସଭ୍ୟ ଶଙ୍କର୍ଷଣ ଜେନା,ବିଜେପି ଯୁବ ସଭାପତି ରାଜେନ୍ଦ୍ର ପଣ୍ଡା,ପୁର୍ବତନ ସରପଞ୍ଚ ସତ୍ୟାନନ୍ଦ ଦାସ,ନିର୍ବାହୀ ଅଧିକାରୀ ସରୋଜ ଦାସ ଓ ୱାର୍ଡସଭ୍ୟ ଭଗବାନ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମଙ୍ଗଳ ସମ୍ପସାରଣ ଅଧିକାରୀ ଦ୍ରୁପଦ କୁମାର ନାୟକ ଓ ଡିଓ ବିଜୟ କେତନ ସାହୁ ଯୋଜନା ସମ୍ବନ୍ଧୀୟ ଗାଇଡଲାଇନ ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ । ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ।

# ଭଦ୍ରକରେ ବିଶ୍ୱ ରେଡକ୍ରସ ଦିବସ ପାଳିତ




ଭଦ୍ରକ, ୦୮/୫ (ନି.ପ୍ର): ବିଶ୍ୱ ରେଡକ୍ରସ ଦିବସ ଅବସରରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆଜି ଭଦ୍ରକ କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରେଡକ୍ରସର ସ୍ଥାପକ ଜିନ୍ ହେନ୍ରୀ ଡୁନାଣ୍ଟଙ୍କ ଜନ୍ମଦିନ ଅବସରରେ **"United in Humanity"** ଥିମ୍‌କୁ ନେଇ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ସକାଳ ୯ଟାରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ଶାଖାର ଅଧ୍ୟକ୍ଷ ଶ୍ରୀ ଦିଲୀପ ରାଉତରାଏଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ଏହାସହ କଲେକ୍ଟରେଟ୍ ପରିସରରେ ରକ୍ତଦାନ ଶିବିରର ଉଦ୍ଘାଟନ ହୋଇଥିଲା । ସକାଳ ୧୧ଟାରେ ବିଶ୍ୱ ଶାନ୍ତି ଓ ମାନବତାର କାମନାରେ ଉପସ୍ଥିତ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଜିଲ୍ଲା ରେଡକ୍ରସ ଶାଖାର ସଚିବ ଡେପୁଟୀ କଲେକ୍ଟର (ଜରୁରୀକାଳୀନ) ଶ୍ରୀ ଲୋକନାଥ ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ୨୦୨୫-୨୬ ବର୍ଷର କାର୍ଯ୍ୟକଳାପ ରିପୋର୍ଟ ଉପସ୍ଥାପନ କରାଯାଇଥିଲା ।ଏହି ଅବସରରେ ବିଶିଷ୍ଟ ସଦସ୍ୟମାନେ ରେଡକ୍ରସର ମାନବସେବା, ରକ୍ତଦାନ ଓ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ତାଙ୍କ ଉଦ୍‌ବୋଧନରେ ରେଡକ୍ରସ ସେବାକୁ ମାନବତାର ସର୍ବୋଚ୍ଚ ପରିଚୟ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛା ରକ୍ତଦାନ ଓ ସାମାଜିକ ସେବାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ ।ଏହି ଶୁଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ଶାଖାର ଉପାଧ୍ୟକ୍ଷ ଶ୍ରୀ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର ଲୋକନାଥ ପ୍ରସାଦ ସେଠୀ, ରେଡକ୍ରସ୍‌ର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ବିଶ୍ୱଜିତା ବିଶ୍ୱାଳ, ଲାଇଫ୍ ମେମ୍ବର ଅତିସ ବେହେରା, ମନୋରଞ୍ଜନ ଦାସ, ଶରତ ଆଚାର୍ଯ୍ୟ, ବସନ୍ତ ଦାସ, ରଞ୍ଜୁଲତା ଗାହାଣ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପ-ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସଦର ମହକୁମାରେ ଏକ ସ୍ୱତନ୍ତ୍ର ରେଡ୍‌କ୍ରସ୍ ଭବନ ସ୍ଥାପନା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ପରେ ରେଡକ୍ରସ କାର୍ଯ୍ୟକ୍ରମରେ ସହଯୋଗ ଓ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ, ରକ୍ତଦାତା ଓ ସଂଗଠନକୁ ପ୍ରଶଂସାପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା ।

# ଆଇନକୁ ହାତକୁ ନେବା ଉଚିତ ନୁହେଁ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୮/୫ (ନି.ପ୍ର): ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଆଇନକୁ ହାତକୁ ନେବା ଉଚିତ ନୁହେଁ । ସେହିପରି ଅପରାଧୀ ମଧ୍ୟ ବର୍ତିବା ଉଚିତ ନୁହେଁ । ଅପରାଧ ପ୍ରବଣତା ରୋକିବା ପାଇଁ ଆମକୁ ଆହୁରି ଯତ୍ନବାନ ହେବାକୁ ପଡ଼ିବ । ଅପରାଧୀଙ୍କ ବିରୋଧରେ ଆମେ ସଫଳତାର ସହ କାର୍ଯ୍ୟନୁଷ୍ଠାନ ନେଇଛୁ । ଅନ୍ୟ ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଅପରାଧିଙ୍କ ଭିତରେ ଭୟ ରହୁନି, ସେମାନଙ୍କ ଭିତରେ ଭୟ ସଂଚାର କରିବା ଜରୁରୀ । ଅପରାଧ ରୋକିବାକୁ ପୋଲିସ କର୍ମଚାରୀ ସଂଖ୍ୟା ବଢିବା ଦରକାର । ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ପୋଲିସ ସଂଖ୍ୟା କମ୍ ।

# ଉମରକୋଟରେ ସମର କୋଚିଂ କ୍ୟାମ୍ପର ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୦୮/୫ (ନି.ପ୍ର): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ଦିନ ଉମରକୋଟରେ ଥିବା ସଂଗ୍ରାମୀ ରବି ସିଂ ମାଝୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ସମର କୋଚିଂ କ୍ୟାମ୍ପର ଉଦଘାଟନ କରିଛନ୍ତି । ଏକ୍ସରେ ପୋଷ୍ଟ କରି ଗଣଶିକ୍ଷା ମନ୍ତ୍ରୀ ଲେଖିଛନ୍ତି ଉମରକୋଟରେ ଥିବା ସଂଗ୍ରାମୀ ରବି ସିଂ ମାଝୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ସମର କୋଚିଂ କ୍ୟାମ୍ପର ଉଦଘାଟନ କରିଛି । ଏହି ପ୍ରଶିକ୍ଷଣ ଶିବିରରେ ଆଜି ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଫୁଟବଲ ଓ ଅନ୍ୟାନ୍ୟ ଆଥେଲେଟିକ ପ୍ରଶିକ୍ଷଣ ଦିଆଯିବ । ୧୪୦ ଜଣ ଆଥଲେଟ୍ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିବା ବେଳେ ଆଶା କରିବି ସମସ୍ତେ କ୍ରୀଡ଼ା ଶିକ୍ଷା ସହିତ ଶୃଙ୍ଖଳା ଜ୍ଞାନ ଆହରଣ କରିବେ । ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ଜନ ଆକ୍ରୋଶ ମହିଳା ପଦଯାତ୍ରା ସମାବେଶରେ ସାମିଲ ହେଲେ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୦୮/୫ (ନି.ପ୍ର): ଉମରକୋଟ ନିର୍ବାଚନ ମଣ୍ଡଳୀ ବେହେଡା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଥିବା 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦନ ଗଣ୍ଡ ଯୋଗ ଦେଇଥିଲେ । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ଗଣ୍ଡ ଲେଖିଛନ୍ତି ଆଜି ଉମରକୋଟ ନିର୍ବାଚନ ମଣ୍ଡଳୀ ବେହେଡା ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଥିବା 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ସମାବେଶରେ ସାମିଲ ହେଲି । ଏହି ସମାବେଶରେ ଶତାଧିକ ମହିଳା ଏକାଠି ହେବା ସହିତ ମହିଳାଙ୍କ ପ୍ରତି ବିରୋଧୀ ଦଳ ମାନେ କରିଥିବା ଅନ୍ୟାୟ ବିରୁଦ୍ଧରେ ଆକ୍ରୋଶ ମୂଳକ ସ୍ୱର ଉଠାଇଛନ୍ତି । ଏହି ଶୋଭାଯାତ୍ରାରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିବା ସହ ନାରୀ ଶକ୍ତିଙ୍କ ଅଧିକାର ଛଡ଼ାଇନେଇଥିବା ବିରୋଧୀ କଂଗ୍ରେସ ଓ ଅନ୍ୟ ଦଳମାନଙ୍କ ବିରୋଧରେ ମହିଳାମାନେ ଏକାଠି ହୋଇ ସ୍ୱର ଉଠାଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida